THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୧୫ ମାର୍ଚ୍ଚ ୨୦୨୬

ମନୋରଞ୍ଜନ

## ୟାମୀଙ୍କ କ୍ୟାମିଓ



# କାହିଁକି ବଢୁଛି ଅପରାଧ !



# ଶ୍ରୀ ରାମକୃଷ୍ଣ ଚରିତାମୃତ ୩୭

## ମନୋଜ କୁମାର ମହାପାତ୍ର

ଉତ୍ତର କଲିକତାର ପୂର୍ଣ୍ଣଚନ୍ଦ୍ର ଘୋଷଙ୍କୁ ଶ୍ରୀ ରାମକୃଷ୍ଣ ନିଜର ଅନ୍ତରଙ୍ଗ ଭକ୍ତମାନଙ୍କ ଭିତରେ ଅତ୍ୟୁଚ୍ଚ ସ୍ଥାନ ଦେଇଥିଲେ। ଯେବେ ଶ୍ରୀ ରାମକୃଷ୍ଣଙ୍କ ସହିତ ତାଙ୍କର ପ୍ରଥମ ଥର ଭେଟ ହୋଇଥିଲା, ସେତେବେଳେ ତାଙ୍କୁ ତେର ବର୍ଷ ବୟସ ହୋଇଥିଲା। ତାଙ୍କୁ ଦେଖି ଶ୍ରୀ ରାମକୃଷ୍ଣ କହିଥିଲେ- ପୂର୍ଣ୍ଣଙ୍କ ସହିତ ତାଙ୍କର ଅନ୍ତରଙ୍ଗ ଭକ୍ତଙ୍କ ଆଗମନର ସଂଖ୍ୟା ପୂର୍ଣ୍ଣ ହୋଇଥିଲା।

ଏହିଭଳି ଭାବରେ ଶହ ଶହ ନିଷ୍ଠାବାନ ଭକ୍ତ ଶ୍ରୀ ରାମକୃଷ୍ଣଙ୍କୁ କେନ୍ଦ୍ରିତ କରି ଏକତ୍ରିତ ହୋଇଥିଲେ। ଶ୍ରୀ ରାମକୃଷ୍ଣଙ୍କର ସାରଗର୍ଭିକ ଉପଦେଶ ଏବଂ ଆକର୍ଷଣୀୟ ବ୍ୟକ୍ତିତ୍ୱ ସେମାନଙ୍କର ଜୀବନଧାରାକୁ ସମ୍ପୂର୍ଣ୍ଣ ପରିବର୍ତ୍ତିତ କରି ସେମାନଙ୍କୁ ଧନ୍ୟ କରିଥିଲେ।

ଶ୍ରୀ ରାମକୃଷ୍ଣଙ୍କର ଥରେ ଦର୍ଶନ ହୋଇଥିଲା ଯେ ତ୍ୟାଗ ଏବଂ ସେବାର ଉଚ୍ଚ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ନିଷ୍ଠାବାନ ଆତ୍ମାମାନଙ୍କର ଏକ ଦଳ ତାଙ୍କ ନିକଟକୁ ଆସିବେ ଏବଂ ତାଙ୍କ ଠାରୁ ସାର୍ବଭୌମିକ ପ୍ରେମ ଏବଂ ସମନ୍ୱୟର ବାର୍ତ୍ତା ଗ୍ରହଣ କରି ତାଙ୍କୁ ମାନବ ସମାଜ ମଧ୍ୟରେ ପ୍ରଚାରିତ କରିବେ। ତାଙ୍କର ଏହି ବାର୍ତ୍ତା ଶୀଘ୍ର କାର୍ଯ୍ୟକାରୀ ହେବାକୁ ଲାଗିଲା। ତାଙ୍କ ଚାରିପଟେ ଜଣକ ପରେ ଜଣେ ମହାନ ଆତ୍ମାମାନେ ଏକତ୍ରିତ ହେବାକୁ ଲାଗିଲେ। ସେମାନେ ତାଙ୍କର ଯାଦୁର ସ୍ପର୍ଶ ମାତ୍ରେ ମହାନ ଶକ୍ତିଶାଳୀ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ରୂପରେ ପରିବର୍ତ୍ତିତ ହୋଇଥିଲେ। ଶିଷ୍ୟମାନଙ୍କର ଏହି ଦଳ ବିଶେଷ କରି ଉତ୍ସାହୀ ନବଯୁବକ ଥିଲେ, ଯେଉଁମାନେ ପରବର୍ତ୍ତୀ ସମୟରେ ନିଜର ସବୁକିଛି ତ୍ୟାଗ କରି ସନ୍ନ୍ୟାସ ବ୍ରତରେ ଦୀକ୍ଷିତ ହୋଇଥିଲେ।

ସେମାନଙ୍କ ମଧ୍ୟରେ ସର୍ବପ୍ରଥମେ ଥିଲେ ଲାଟୁ (ସ୍ୱାମୀ ଅଦ୍ଭୁତାନନ୍ଦ)। ବିହାରର ଛପରା ଜିଲ୍ଲାର ସେ ଏକ ନିର୍ଦ୍ଧନ ପରିବାରର ବାଳକ ଥିଲେ। ତାଙ୍କୁ ଲଗାତର ଛଅ ବର୍ଷ ଧରି ଶ୍ରୀ ରାମକୃଷ୍ଣଙ୍କର ସେବା କରିବାର ସୌଭାଗ୍ୟ ମିଳିଥିଲା ଏବଂ ଶ୍ରୀ ରାମକୃଷ୍ଣଙ୍କ ଜୀବନକାଳରେ ସେ ବହୁତ ଆଧ୍ୟାତ୍ମିକ ଉପଲବ୍ଧି ଅର୍ଜନ କରିଥିଲେ।

ତତପଶ୍ଚାତେ ଆସିଥିଲେ ରାଖାଲଚନ୍ଦ୍ର ଘୋଷ (ସ୍ୱାମୀ ବ୍ରହ୍ମାନନ୍ଦ) ଯାହାଙ୍କର ୧୮୮୨ରେ ଦକ୍ଷିଣେଶ୍ୱରରେ ଶ୍ରୀ ରାମକୃଷ୍ଣଙ୍କ ସହିତ ପ୍ରଥମ ସାକ୍ଷାତ ହେଇଥିଲା। ସେ ବସିରହାଟ ୨୪ ପ୍ରଗଣାର ଜମିଦାରଙ୍କ ପୁତ୍ର ଥିଲେ। ଶ୍ରୀ ରାମକୃଷ୍ଣ ନିଜର ଅତିପ୍ରିୟ ପୁତ୍ର ଭାବରେ ତାଙ୍କୁ ଦେଖୁଥିଲେ ଏବଂ ତାଙ୍କୁ ସେ 'ନିତ୍ୟସିଦ୍ଧ' କୋଟିର ବାଳକ ବୋଲି ମଣୁଥିଲେ। ପରେ ସେ ରାମକୃଷ୍ଣ ମଠ ଏବଂ ମିଶନର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ ଏବଂ ସେ ଏହି ନବଜାତ ସଂସ୍ଥାକୁ ଏକ ଶକ୍ତିଶାଳୀ ସଂଘ ଭାବରେ ବିକଶିତ କରିଥିଲେ।

ଗୋପାଳ ଘୋଷ (ସ୍ୱାମୀ ଅଦ୍ୱୈତାନନ୍ଦ) ବୟସରେ ଶ୍ରୀ ରାମକୃଷ୍ଣଙ୍କ ଅପେକ୍ଷା ବଡ଼ ଥିଲେ। ସେଥିପାଇଁ ଶ୍ରୀ ରାମକୃଷ୍ଣ ତାଙ୍କୁ 'ବୁଢ଼ା ଗୋପାଳ' ନାମରେ ଡ଼ାକୁଥିଲେ। ଶେଷରେ ସେ ସଂସାର ତ୍ୟାଗ କରି ବରାହନଗର ମଠରେ ସମ୍ମିଳିତ ହୋଇଥିଲେ।

ନରେନ୍ଦ୍ରନାଥ ଦତ୍ତ (ସ୍ୱାମୀ ବିବେକାନନ୍ଦ) କଲିକତାର ଏକ ସୁସଂସ୍କୃତ କୁଳୀନ ପରିବାରର ବାଳକ ଥିଲେ। ବାଲ୍ୟାବସ୍ଥାରୁ ତାଙ୍କର ମନ ଥିଲା ଅନ୍ତର୍ମୁଖୀ ଏବଂ ସେ ଧ୍ୟାନରେ ନିମଗ୍ନ ରହୁଥିଲେ। ୧୮୮୨ରେ ଶ୍ରୀ ରାମକୃଷ୍ଣଙ୍କ ସଙ୍ଗେ ତାଙ୍କର ପ୍ରଥମେ ଭେଟ ହୋଇଥିଲା। କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ହାସଲ କରିବା ପରେ ତାଙ୍କର ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତ କରିବା ପାଇଁ ଅଦମ୍ୟ ଇଚ୍ଛା ଜାଗ୍ରତ ହୋଇଥିଲା। ଶ୍ରୀ ରାମକୃଷ୍ଣଙ୍କର ସ୍ନେହପୂର୍ଣ୍ଣ ମାର୍ଗଦର୍ଶନରେ ସେ ସର୍ବୋଚ୍ଚ ଆଧ୍ୟାତ୍ମିକ ଉପଲବ୍ଧି ପ୍ରାପ୍ତ କରିଥିଲେ ଏବଂ ତତସହିତ ତାଙ୍କର ହୃଦୟ ମାନବ ପ୍ରତି ପ୍ରେମରେ ପୂରି ଉଠିଥିଲା। ଶ୍ରୀ ରାମକୃଷ୍ଣଙ୍କର ମହାସମାଧି ପରେ ସେ ସବୁ ଗୁରୁଭାଇଙ୍କୁ ଏକ ଆଧ୍ୟାତ୍ମ ସୂତ୍ରରେ ବାନ୍ଧିଥିଲେ ଏବଂ ସଂସ୍ଥାର ଭିତ୍ତି ସ୍ଥାପନ କରିଥିଲେ, ଯାହାକି ବର୍ତ୍ତମାନ ରାମକୃଷ୍ଣ ମଠ ଏବଂ ମିଶନ ନାମରେ ବିକଶିତ ହୋଇଥିଲା। ସ୍ୱାମୀ ବିବେକାନନ୍ଦଙ୍କର ପଶ୍ଚିମ ଦେଶ ଏବଂ ଭାରତରେ ହିନ୍ଦୁ ଧର୍ମର ଶ୍ରେଷ୍ଠ ପ୍ରତିପାଦନ, ତାଙ୍କର ମହାନ ଆଧ୍ୟାତ୍ମିକ ଉପଲବ୍ଧି, ତାଙ୍କର ଜ୍ୱଳନ୍ତ ଦେଶଭକ୍ତି, ଭାରତର ଅଗଣିତ ପଦଦଳିତ ଲୋକଙ୍କର ଉତ୍ଥାନ ପାଇଁ ଜୀବନବ୍ୟାପୀ ସେବା କରିବା ସହିତ ପୂର୍ବ ଓ ପଶ୍ଚିମ ମଧ୍ୟରେ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଏକତା ରକ୍ଷା କରିବା ତାଙ୍କର ଅନୁପମ ପ୍ରୟାସ ଥିଲା। ଏହିସବୁ ତାଙ୍କୁ ନେଇ ସଂସାରର ସର୍ବଶ୍ରେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରେ ଏକ ଅତ୍ୟୁଚ୍ଚ ସ୍ଥାନରେ ପ୍ରତିଷ୍ଠିତ କରିପାରିଥିଲା।


(କ୍ରମଶଃ) **ଫୋନ୍-୯୯୩୭୨୯୭୦୩୯**



## ସ୍ଥିରତା ଓ ଅସ୍ଥିରତା

ଜୀବନର ସ୍ଥିରତା ଓ ଅସ୍ଥିରତାକୁ ନେଇ ରହିଛି ଅନେକ କଥା। ଜୀବନ କେବେ ସ୍ଥିରତା ମଧ୍ୟରେ ରହି ନପାରେ ବରଂ ବିଚାରର ସ୍ଥିରତା ରହିବା ଦରକାର। ଅନେକ ସମୟରେ ଲୋକମାନେ ଛୋଟ ଛୋଟ କଥାକୁ ନେଇ ବିଚଳିତ ହୋଇପଡ଼ିଥାନ୍ତି, ଫଳରେ ସେହି ଘଟଣା ଅନେକ ଦିନଯାଏ କଷ୍ଟ ଦିଏ। କିନ୍ତୁ ଯେତିକି ସମୟ ଏହି କଥାକୁ ନେଇ ବିଚଳିତ ହୁଅନ୍ତି, ସେତିକି ସମୟ ତ ନଷ୍ଟ ହୁଏ, ତା' ସହିତ ଅନେକ କାମ ବି କରିପାରନ୍ତି ନାହିଁ। ସାଧାରଣଜୀବନରେ ପ୍ରାୟ ସମସ୍ତେ ଧନ ପାଇଁ ଯେମିତି ବିଚଳିତ ବା ଅସ୍ଥିର ହୋଇପଡ଼ନ୍ତି, ଜ୍ଞାନ ପାଇଁ ହୁଅନ୍ତି ନାହିଁ। ଧନ ଏକ ଅସ୍ଥିରତା, ଏହା ଠିକ୍ କିନ୍ତୁ ଏହାପଛରେ ଯେଉଁ ହଜାର ହଜାର କଥା ଆସେ ସବୁ ବିଷୟଗୁଡ଼ାକ ମଣିଷକୁ ଆହୁରି ବ୍ୟସ୍ତ ସାଙ୍ଗକୁ ଅସ୍ଥିର ମଧ୍ୟ କରିଦିଏ। ଜ୍ଞାନ ହେଉଛି, ଏହାର ଓଲଟା। ଲୋକଟିଏ ଯେତେ ଜ୍ଞାନ ଆହରଣ ପଛରେ ଧାଏଁ, ସେତେବେଳେ ସବୁ ଜିନିଷର ଭଲମନ୍ଦ ଜାଣିବା ସହ ନିଜକୁ ସ୍ଥିରତା ଆଡ଼କୁ ନେଇଯାଏ। ସାମୟିକ କିମ୍ବା ବିଷୟଯୁକ୍ତ କୌଣସି କଥା ଏତେ ସହଜରେ ବିଚଳିତ କରିପାରେନାହିଁ। ଭାବେ ଦୁନିଆର ସବୁ ଜିନିଷ କ୍ଷଣସ୍ଥାୟୀ। ଏହି କ୍ଷଣସ୍ଥାୟୀ ମଧ୍ୟରୁ ଯଦି କିଛି ହଜିଗଲା ବା କ୍ଷତି ହୋଇଗଲା, ସେ କଥା ଭାବି ମନ ଦୁଃଖ କରିବା ଉଚିତ ନୁହେଁ । ଆଜି ଯେଉଁଠା କ୍ଷତି ହୋଇଛି, ଏହା ଆଜି ନହେଲେ ବି କାଲି କ୍ଷତି ହେବାର ଥିଲା। ତେଣୁ ମନ ଦୁଃଖ କରିବାର ଆବଶ୍ୟକତା କଣ ? ଧନ ଓ ଜ୍ଞାନ ମଧ୍ୟ ବିପରିତ ଦିଗ ବୋଲି ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବା ଉଚିତ ନୁହେଁ। ଯେଉଁମାନେ ଧନ ଉପାର୍ଜନ କରୁଛନ୍ତି, ଜ୍ଞାନ ନାହିଁ ବା ଜ୍ଞାନ ଆହରଣ କରିବା ପାଇଁ ଚେଷ୍ଟା କରୁନାହାନ୍ତି, ତା'କହିଲେ ବି ଭୁଲ ହୋଇଯିବ। ବିଚାରରେ ଏସବୁ ଏକ କରିବା ହେଉଛି ପ୍ରକୃତ ଜ୍ଞାନୀଲୋକର କର୍ତ୍ତବ୍ୟ। ଧନୀ ଆମେ ତ ସେହିମାନଙ୍କୁ କହିପାରିବା, ଯେଉଁମାନେ ଜ୍ଞାନକୁ ନିଜ ଆୟତ୍ତରେ ରଖି ସତ୍ ଉପାୟରେ ଉପାର୍ଜନ କରୁଛନ୍ତି। ଥରେ ଜ୍ଞାନକୁ ଆୟତ୍ତ କରିନେଲେ ଧନୀ ହେବା କିଛି କଷ୍ଟ ହୁଏନାହିଁ। ନିଜକୁ ସୁଖୀ ରଖିବାକୁ କିମ୍ବା ଜୀବନଧାରଣ କରିବାକୁ ଯଦି ଧନ ଉପାର୍ଜନ କରିବାକୁ ହୁଏ, ତା'ହେଲେ ଜ୍ଞାନ ବଳରେ ଆବଶ୍ୟକତା ଅନୁସାରେ ଉପାର୍ଜନ କରି ଖୁସି ହୋଇପାରିବା। ଜ୍ଞାନ ମଣିଷକୁ ଲୋଭୀ କରାଏ ନାହିଁ ବରଂ ମଣିଷକୁ ସଞ୍ଜତ କରାଏ, ସଚେତନ କରାଏ। ତା'ହେଲେ ଏତେ ସମସ୍ୟା ମଧ୍ୟରେ ଛନ୍ଦି ହୋଇ କାହିଁକି ଧନ ଖୋଜିବା ନାଁରେ ଜୀବନର ଅର୍ଥକୁ ବଦଳେଇ ଦେଇ ଅସୁଖୀ ହେବା ! ବରଂ ସୁଖୀ ହେବାର ବାଟ ଟିକକ ଖୋଜିପାରିଲେ, ଜୀବନର ଯେଉଁ ସାର୍ଥକତା ମିଳିବ, ସେତେବେଳେ ମଣିଷ ନିଜ ବିଚାରରେ ସ୍ଥିର ହୋଇଯିବ।

**-ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ବେଦଜ୍ଞ**




# କାହିଁକି ବଢୁଛି ଅପରାଧ !

**ଅପରାଧ ଏକ ଅନ୍ଧ ଦୁନିଆ। ଯେଉଁମାନେ ଏଭଳି ଧର୍ତ୍ତବ୍ୟ କାର୍ଯ୍ୟ କରନ୍ତି, ସେମାନଙ୍କ ପଛରେ ଲୁଚି ରହିଥାଏ ଅନେକ ଅନାଲୋଚିତ ଅଧ୍ୟାୟ। କେହି ନା କେହି କୌଣସି କାରଣରୁ ଅନ୍ୟ ଉପରେ ଯେଉଁ ବାଟରେ ହେଉ ଦାଉ ସାଧେ ଓ ନିଜର ଉଦ୍ଦେଶ୍ୟ ପୂରଣ କରିବାକୁ କଳେବଳେ କୌଶଳେ ଚେଷ୍ଟା କରେ। ଉଦ୍ଦେଶ୍ୟ ସିନା ସାଧିତ ହୋଇଯାଏ, ହେଲେ ଯେଉଁସବୁ କାରନାମା କରିସାରିଥାଏ, ଆଇନ କିନ୍ତୁ କ୍ଷମା ଦିଏ ନାହିଁ। ଜେଲର ଚାରିକାନ୍ଥ ମଧ୍ୟରେ ଅନ୍ଧାରୀ ମୂଲକରେ ଲଟକି ଯାଏ ତାର ପୃଥିବୀ। ସେଇ ଅନ୍ଧାର ଭିତରେ କେତେବେଳେ ସୂର୍ଯ୍ୟ ଉଏଁ, କେତେବେଳେ ଆକାଶରେ ଜହ୍ନ ଚମକେ, କେତେ ତାରାଫୁଲ ସକାଳେ ମଉଳି ଯାଇଥାଏ, ମୁକ୍ତ ପବନ ବନ୍ଦୀ ହୋଇ ଝର୍କା ଫାଙ୍କରେ ମୁହଁ ଚୁମି ଯାଏ ସିନା ହେଲେ ମୁକୁଳେଇ ପାରେନା ବନ୍ଦୀ ଆସାମୀକୁ। ସେହି ବନ୍ଦୀ ଜୀବନ ଭିତରେ ନିଜର ଆତ୍ମସମୀକ୍ଷା କରୁ କରୁ ବୟସ ଗଡ଼ିଯାଇଥାଏ, ଉଜୁଡ଼ି ଯାଇଥାଏ ସଂସାର, ସମୟ ଅନେକ ପଛରେ ଛାଡ଼ି ଚାଲିଯାଇଥାଏ। ଅପରାଧୀ ନୂଆ ପରିଚୟ ନେଇ ମୁକୁଳିବା ବେଳକୁ ସମସ୍ତେ କିନ୍ତୁ ପର କରି ଦେଇସାରିଥାନ୍ତି। ସବୁ ବୁଝି ବି ମଣିଷ ବେଳେବେଳେ ସେହି ଅନ୍ଧାରୀ ଦୁନିଆରେ ପାଦ ଥାପେ, ନିଜ ଜୀବନକୁ ବରବାଦ କରିବା ସହ ସୁନାର ସଂସାରକୁ ଉଜାଡ଼ି ଦେଇଥିବାବେଳେ ଥରୁଟିଏ ଭାବେନି, କାହିଁକି ଏ ଭୁଲ କରିବାକୁ ଆଗଭର ହେଲା। ଆଇନର ବେଡ଼ି ଗୋଡ଼ରେ ଛନ୍ଦି ହୋଇଯାଇଥାଏ। ବନ୍ଧନରୁ ମୁକୁଳିବା ପରିବର୍ତ୍ତେ ହୁଏତ ଜୀବନ ବନ୍ଧନରୁ ମୁକୁଳିବାକୁ ମୃତ୍ୟୁରୂପକ ଶାସ୍ତି ହିଁ ଉଭା ହୋଇସାରିଥାଏ। ସେଭଳି ଏକ ଅନୁଶୀଳନକୁ ନେଇ ଆଜିର ପ୍ରତିବେଦନ।**

**ବୃଦ୍ଧି ପାଉଛି ଅପରାଧ-**
ଅପରାଧ ଆଜିକାଲିର ଘଟଣା ନୁହେଁ, ଏହା ଅନେକ ପୂର୍ବରୁ ରହିଆସିଛି। ଇତିହାସର ପୃଷ୍ଠା ଓଲଟାଇଲେ ଜଣାଯାଏ, ସେତେବେଳେ ବି ଅନେକ ପ୍ରକାର ଅପରାଧ ସଂଘଟିତ ହୋଇଛି ଓ ଦଣ୍ଡବିଧାନ ମଧ୍ୟ ଭିନ୍ନ ଭିନ୍ନ ତରିକାରେ କରାଯାଇଛି। ଅପରାଧକୁ ପୌରାଣିକ ବ୍ୟାଖ୍ୟାନରେ ପାପ ବୋଲି କୁହାଯାଇଥିବାବେଳେ ଆଦାମ ଓ ଇଭଙ୍କ ସମୟରୁ ହିଁ ଏହି ପାପାର ସଂଜ୍ଞା ନିରୂପୀତ ହୋଇଛି। ରାମଙ୍କ ଶାସନକାଳରେ ନିର୍ମଳ ଓ ସ୍ୱଚ୍ଛ ସାମାଜିକ ବ୍ୟବସ୍ଥାର ପରିକଳ୍ପନା ପରବର୍ତ୍ତୀ ସମୟରେ କରାଯାଇ ରାମରାଜ୍ୟର ଉଦାହରଣ ଅନେକ ସମୟରେ ନିଆଯିବା ଦେଖାଯାଇଛି। ସମୟର ପରିବର୍ତ୍ତନ ସହିତ ଅପରାଧର ଭିନ୍ନ ଭିନ୍ନ ରୂପ ମଧ୍ୟ ଦେଖିବାକୁ ମିଳିଛି। ଜଘନ୍ୟ ଅପରାଧ ହେଉ ଅବା ସାଧାରଣ ଅପରାଧ, ସବୁ କେବଳ କାନୁନ ଆଗରେ ଦୋଷୀ ବୋଲି ସାବ୍ୟସ୍ତ କରାଯାଇଛି। ଅପରାଧ ଆଜିର ନୂଆ ଘଟଣା ନହେଲେ ବି ଯେଉଁଭଳି ଭାବରେ ଅତ୍ୟାଧୁନିକତା ମଣିଷ ସହିତ ତାଳଦେଇ ଚାଲିଛି, ଅପରାଧ ବି ସେମିତି ଆନୁପାତିକ ଭାବରେ ବୃଦ୍ଧି ପାଇଛି ଓ ନୂଆ ତରିକା ଆପଣେଇଛି।

**କଣ କହୁଛି ଏନ୍‌ସିଆରବି ରିପୋର୍ଟ ?**
ଭାରତବର୍ଷରେ ଯେଉଁ ଅପରାଧ ସବୁ ସଂଘଟିତ ହେଉଛି, ତାହାର ପଞ୍ଜିକରଣ ଓ ବିଚାର ବିଭାଗୀୟ ଅଦାଲତରେ ତାହାର ସମାଧାନର ଖବର ସବୁ ରେକର୍ଡ ହୋଇ ସରକାରଙ୍କ ପାଖରେ ରହିଥାଏ। ଏହା ଗୃହ ମନ୍ତ୍ରଣାଳୟ ଅଧୀନରେ ନ୍ୟାସନାଲ କ୍ରାଇମ୍ ରେକର୍ଡସ ବ୍ୟୁରୋ ସବୁଯାକ ଅପରାଧିକ ମାମଲାର ପଞ୍ଜିକରଣ କରିଥାଏ। ୨୦୧୯ ମସିହାରେ ପୋଲିସ ଅଧୀନରେ ଯେଉଁସବୁ ମାମଲା ପଞ୍ଜିକରଣ କରାଯାଇଥିଲା, ତାହାର ସଂଖ୍ୟା ଥିଲା ୫୧,୫୬,୧୭୨। ଏହାର ବିଭାଗୀକରଣ କରାଯାଇ ଆଇପିସି(ଇଣ୍ଡିଆନ ପେନାଲ କୋର୍ଡ଼) ଅଧୀନରେ ୩୨,୨୫,୭୦୧ ଥିବାବେଳେ ସ୍ପେଶାଲ ଆଣ୍ଡ ଲୋକାଲ ଲ'(ଏସ୍‌ଏଲ୍‌ଏଲ୍)ରେ ୧୯,୩୦,୪୭୧ଥିଲା। ୨୦୨୬ ମସିହାରେ ଏହି ସଂଖ୍ୟା ଅନେକାଂଶରେ ବୃଦ୍ଧି ପାଇବାରେ ଲାଗିଛି। ଏହି ଏନ୍‌ସିଆରବି ସବୁବେଳେ ଅପରାଧର ପରିସଂଖ୍ୟାନ ରିପୋର୍ଟ ପ୍ରସ୍ତୁତ କରିବା ସହ ଆନୁପାତିକ ଭାବରେ କେଉଁ ଅପରାଧ କେତେ ପରିମାଣରେ ହ୍ରାସ ପାଇଛି ବା ବୃଦ୍ଧି ପାଇଛି, ତାହାର ତର୍ଜମା କରିବା ସହ ରିପୋର୍ଟ ପ୍ରଦାନ କରିଥାଏ। ଏହି ରିପୋର୍ଟକୁ ଗୃହ ମନ୍ତ୍ରଣାଳୟକୁ ପ୍ରଦାନ କରିବା ସହ ଭାରତର ଅପରାଧିକ ମାମଲାର ସଂଖ୍ୟା କେତେ ତାହା ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିଥାଏ।

ସମସ୍ତେ ଉଣାଧିକେ ଜାଣିଛନ୍ତି, ଯେକୌଣସି ଅପରାଧ ସଂଘଟିତ ହୁଏ,












ତାହା ପ୍ରଥମେ ହିଁ ଲୋକାଲ ପୋଲିସ ଷ୍ଟେସନରେ ଦାଏର କରାଯାଏ। ଏହାର ସମସ୍ତ ବିବରଣୀ ହିଁ ଏନ୍‌ସିଆରବି ରିପୋର୍ଟରେ ସଂଯୋଜିତ କରାଯାଇଥାଏ।

## ଅପରାଧପ୍ରବଣ କାହିଁକି ମଣିଷ ?

ମଣିଷ ଅପରାଧ କରିବାକୁ କାହିଁକି ଚାହେଁ ? ତାହା ବି ଏକ ଅସମାହିତ ପ୍ରଶ୍ନ। ଅନେକ ସମୟରେ ଦେଖାଯାଇଥାଏ, ପରିସ୍ଥିତିରେ ପଡ଼ି ମଣିଷ ଅପରାଧ କରିବାକୁ ବାଧ୍ୟ ହୋଇଥାଏ। ଆଉ କେତେକ ଅପରାଧକୁ ନିଜ ଆଭିଜାତ୍ୟ ବୋଲି ବିବେଚନା କରିଥାନ୍ତି। କେତେକ ମଧ୍ୟ ନିଜର ରଙ୍ଗିନ ସ୍ୱପ୍ନକୁ ପୂରଣ କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରି ଅତି ଚତୁରତାର ସହ ଅପରାଧ କରିବାକୁ ପଛାଇ ନଥାନ୍ତି। ମନୋବିଜ୍ଞାନ ଅନୁସାରେ ଅପରାଧ ହେଉଛି ଏକ ପ୍ରବଣତା, ଏହାପଛରେ ଅନେକ କାରକ ହିଁ କାମ କରିଥାଏ। ଜଣେ ଚାହିଁଲେ ରାତାରାତି ଅପରାଧ କରିବାକୁ ମନ ବଳାଇବ ନାହିଁ। ନିଜ ଭିତରେ ଥିବା ଅଭିଳାଷକୁ ରୂପଦେବା ପାଇଁ ଯେଉଁ ଇଚ୍ଛାକୁ ବଳବତ୍ତର ରଖିଥାଏ, ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ଅତି ଚାଲାକି ସହିତ କାମ କରିବାକୁ ବ୍ଲୁ-ପ୍ରିଣ୍ଟ୍ ପ୍ରସ୍ତୁତ କରିଥାଏ ।

## ମେଟ୍ରୋସିଟି ସବୁଠୁ ଆଗରେ-

ଆଜିକାଲି ଗାଁ ଅପେକ୍ଷା ସହରରେ ଅନେକ ପରିମାଣରେ ଅପରାଧ ହେଉଥିବାର ଦେଖାଯାଉଛି। ବିଶେଷକରି ମେଟ୍ରୋସିଟିଗୁଡ଼ିରେ ଯେଉଁସବୁ ଅପରାଧ ଦେଖାଯାଇଥାଏ, ତାହାର ତରିକା ଭିନ୍ନ ଓ ନୂଆ ପ୍ରକାରର। ଯେଉଁମାନେ ଅପରାଧ କରିଥାନ୍ତି, ସେମାନେ ଅତି ଚତୁରତାର ସହ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥାନ୍ତି। ଦେଖାଯାଇଛି ୨୦୧୯ ରିପୋର୍ଟ ଅନୁସାରେ କୋଲକାତା ହେଉଛି କମ ଅପରାଧ ସଂଘଟିତ ହୋଇଥିବା ମେଟ୍ରୋସିଟି। ସେହିପରି ତା'ପଛକୁ ହାଇଦ୍ରାବାଦ, ପୁନେ ଆଦି ମେଟ୍ରୋସିଟିରେ ମଧ୍ୟ କମ୍ ସଂଖ୍ୟକ ଅପରାଧ ଘଟିଥିବାର ଦେଖାଯାଇଛି।

ଯଦି ଦେଖାଯାଏ ଅଧିକ ଅପରାଧପ୍ରବଣ ମେଟ୍ରୋସିଟି ଭାବରେ ଦିଲ୍ଲୀ ହିଁ ସର୍ବାଗ୍ରେ ରହିଛି। ଦିଲ୍ଲୀରେ ବର୍ଷକୁ ବର୍ଷ ଯେଉଁ ଅପରାଧ ସଂଘଟିତ ହୋଇଥାଏ, ତାହା କ୍ରମଶଃ ବୃଦ୍ଧି ପାଇଥାଏ ବରଂ କମିବାର ନାଁ ଧରୁନାହିଁ। ସେହିପରି ଦିଲ୍ଲୀ ତଳକୁ କୋଟି ଦ୍ୱିତୀୟ ସର୍ବାଧିକ ଅପରାଧୀ ମେଟ୍ରୋସିଟି ଭାବରେ ପରିଗଣିତ ହୋଇଛି । ତା'ତଳକୁ ଜୟପୁର ତୃତୀୟରେ ରହିଥିବାବେଳେ ବିଶେଷକରି ଅଧିକ ଦୁଷ୍କର୍ମ ମାମଲା ହିଁ ଦାୟର କରାଯାଇଛି ।

## ସହରରେ ବସ୍ତି ଚିନ୍ତା ବଢ଼ାଇଛି-

ସହରରେ ଶିକ୍ଷିତ ଲୋକମାନେ ରହିବା ସହିତ ସେମାନେ ସରକାରୀ ହେଉ ଅବା ବେସରକାରୀ ହେଉ କୌଣସି ସଂସ୍ଥାରେ କାର୍ଯ୍ୟ କରିଥାନ୍ତି। ସେମାନଙ୍କ ସହ ଯେଉଁ ଆନୁଷଙ୍ଗିକ ବଜାର ଯୋଡ଼ି ହୋଇ ରହିଥାନ୍ତି, ବ୍ୟବସାୟୀ ଗୋଷ୍ଠୀର କେତେକ ଲୋକ ମଧ୍ୟ ସହରରେ ବାସ କରିବା ସହିତ ଯଦିଓ ବିଭିନ୍ନ ବର୍ଗର ଲୋକ ମଧ୍ୟ ରହିଥାନ୍ତି। ସହରରେ କେହି କାହା କଥାରେ ମୁଣ୍ଡ ପୂରାଉ ନଥିବା କାରଣରୁ ଗାଁ ଅପେକ୍ଷା ବେଶିକିଛି ଝାମେଲା ଦେଖିବାକୁ ମିଳୁ ନଥିଲା। ଏବେ କିନ୍ତୁ ତାହା ବିପରୀତ ହୋଇଯାଇଛି। ଗାଁ ଅପେକ୍ଷା ସହରରେ ଅଧିକ ପରିମାଣରେ ଅପରାଧ ସଂଘଟିତ ହେଉଛି। ସହରରେ ଯେଉଁ ଅଶାନ୍ତି ବା ଅପରାଧ ଦେଖାଯାଉଛି, ତାହା ମଧ୍ୟରୁ ଅଧିକାଂଶ ବସ୍ତି ବାସିନ୍ଦାଙ୍କ ଦ୍ୱାରା କରାଯାଉଥିବାର ଦେଖାଯାଉଛି। ବସ୍ତି ଏବେ ସହରର ଅପରାଧର କେନ୍ଦ୍ରବିନ୍ଦୁ ପାଲଟିଛି। ବସ୍ତିରେ ରହୁଥିବା ଅଧିକାଂଶ ଲୋକ ନିଶା କାରବାର ସହିତ ଅନେକ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଯେତେସବୁ ଅପରାଧିକ କାର୍ଯ୍ୟ ସହରରେ ଘଟୁଛି, ସବୁ ହିଁ ବସ୍ତିରୁ ନିୟନ୍ତ୍ରଣ ହେଉଛି। ଏବେ ସହରର ଚିନ୍ତା ହିଁ ବସ୍ତି ବଢ଼େଇ ଦେଇଛି।

## ମହିଳାଙ୍କୁ କେନ୍ଦ୍ର କରି ଅପରାଧ-

ବିଶେଷକରି ମହିଳାଙ୍କୁ କେନ୍ଦ୍ର କରି ଯେଉଁସବୁ ଅପରାଧ ସଂଘଟିତ ହୋଇଥାଏ, ସେସବୁ ମଧ୍ୟରେ ଦୁଷ୍କର୍ମ, ଯୌତୁକ, ଘରୋଇ ହିଂସା, ହତ୍ୟା ହିଁ ପ୍ରମୁଖ ଭାବରେ ପ୍ରତୀୟମାନ ହୋଇଥାଏ। ଆଜିକାଲି ଦୁଷ୍କର୍ମ ମଧ୍ୟ ମୁଣ୍ଡବ୍ୟଥାର କାରଣ ହୋଇଯାଇଛି। ଏହା ପଛରେ ଯେଉଁ ବିକୃତ ମାନସିକତା ରହିଛି, ତାହାର କାରଣ ଜଣା ନପଡ଼ିଲେ ବି ନିଶା ହିଁ ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଦୁଷ୍କର୍ମ ମାମଲାରେ ମଧ୍ୟପ୍ରଦେଶ ଆଗରେ ରହିଥିବାବେଳେ ରାଜସ୍ଥାନ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼ କ୍ରମାନ୍ୱୟରେ ରହିଛନ୍ତି। ତାମିଲନାଡୁ, କେରଳ, ନାଗାଲାଣ୍ଡରେ ଦୁଷ୍କର୍ମ ହାର କମ୍ ଥିବା କଥା ଏକ ଅନୁଧ୍ୟାନରୁ ଜଣାଯାଇଛି।

ସେହିପରି ଯୌତୁକ ପ୍ରଥା ମଧ୍ୟ ଏକ ଅପରାଧ ଭାବରେ ମହିଳାଙ୍କ କ୍ଷେତ୍ରରେ ଦେଖାଦେଇଥାଏ। ଯଦିଓ ଏବେ କିଛି ଲୋକ ସଚେତନ ହେଲେଣି ତଥାପି ଯୌତୁକଜନିତ ଅପରାଧ ହ୍ରାସ ପାଇନାହିଁ। ୨୦୧୨ ମସିହାରେ ଯୌତୁକ ଜନିତ ହତ୍ୟା ସଂଖ୍ୟା ୮୨୩୩। ୧ଲକ୍ଷ ଲୋକଙ୍କ ମଧ୍ୟରୁ ୧.୪ ପ୍ରତିଶତ ଯୌତୁକଜନିତ ହତ୍ୟା ବୋଲି ଜଣାଯାଇଛି।

ଘରୋଇ ହିଂସା ମଧ୍ୟ ଆଜିର ଆଧୁନିକ ସମାଜରେ ପ୍ରମୁଖ କାରଣ

ଭାବରେ ପ୍ରତୀୟମାନ ହୋଇଛି । ମଣିଷ ଯେତେ ଶିକ୍ଷିତ ହେଉଛି, ସେତେ ବିଶୃଙ୍ଖଳିତ ହୋଇପଡୁଛି । ସୁଖ ସନ୍ଧାନରେ ରହି ଶାନ୍ତି ହରାଇ ବସୁଛି । ବିଶେଷକରି ଆଗଭଳି ଘର ଭିତରେ ସେମିତି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଦେଖିବାକୁ ମିଳୁନାହିଁ । ଘରୋଇ ହିଂସା ଏତେ ପରିମାଣରେ ବୃଦ୍ଧି ପାଇଲାଣି ଯେ ଏହାକୁ କେନ୍ଦ୍ର କରି ଅପରାଧ ମଧ୍ୟ ତଦନୁସାରେ ବୃଦ୍ଧି ପାଇବାରେ ଲାଗିଛି ।

ନ୍ୟାସନାଲ କ୍ରାଇମ୍ ରେକର୍ଡସ ବ୍ୟୁରୋ ଅନୁସାରେ ପ୍ରତି ୩ ମିନିଟ୍‌ରେ ଜଣେ ମହିଳା ଅତ୍ୟାଚାରର ଶିକାର ହୁଏ । ପ୍ରତି ୨୯ ମିନିଟ୍‌ରେ ଜଣେ ମହିଳା ଦୁଷ୍କର୍ମ ହେବାବେଳେ ପ୍ରତି ୭୭ ମିନିଟ୍‌ରେ ଯୌତୁକଜନିତ ମୃତ୍ୟୁ ହୋଇଥାଏ ।

### ନିଶା ଓ ଅପରାଧ-

ଆଜିକାଲି ଯେଉଁସବୁ ଅପରାଧ ସମାଜରେ ଘଟୁଥିବାର ଦେଖାଯାଉଛି, ସେସବୁ ମଧ୍ୟରେ ନିଶାକୁ କେନ୍ଦ୍ର କରି ଅନେକ ଅପରାଧ ଘଟୁଥିବା ସଂଖ୍ୟା ଅଧିକ । ନିଶାଖୋରଙ୍କ ସଂଖ୍ୟା ବଢ଼ିବା ଓ ବିଭିନ୍ନ ପ୍ରକାର ନିଶା ଖୁଲମଖୋଲାରେ ମିଳୁଥିବାରୁ ପ୍ରାୟ ଲୋକ ଏହି ନିଶାସେବନ ପ୍ରତି ଆକୃଷ୍ଟ ହୋଇପଡୁଛନ୍ତି । ଏକ ସର୍ବେକ୍ଷଣ ରିପୋର୍ଟରୁ ଜଣାଯାଇଛି ଗାଁ ଅପେକ୍ଷା ସହରରେ ନିଶାଡ଼ିଙ୍କ ସଂଖ୍ୟା ଅଧିକ ଓ ଏହା ଚିନ୍ତାଜନକ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଦେଖିଲେ ଲାଗୁଛି, ରାତିରେ ଯେମିତି ସହର ନିଶାରେ ଝୁମୁଛି । ପାରମ୍ପରିକ ନିଶାରେ ଲୋକ ଯେତିକି ଅଭ୍ୟସ୍ତ ନାହାନ୍ତି, ଏବେ ବିଦେଶୀ ନିଶା ଦ୍ୱାରା ବେଶି ଆକୃଷ୍ଟ ହେଉଛନ୍ତି । ବ୍ରାଉନସୁଗାର, ଆଲକୋହଲ ଆଦି ଦ୍ୱାରା ଯୁବଗୋଷ୍ଠୀ ଅଭ୍ୟସ୍ତ ହୋଇପଡୁଛନ୍ତି ।

### ଅପରାଧ ପଛର ପ୍ରମାଣ-

ଯେଉଁମାନେ ଅପରାଧ କରିଥାନ୍ତି, ସେମାନେ ଖସିଯିବାକୁ ନୂଆ ପ୍ରକାର କୌଶଳ ଅବଲମ୍ବନ କରିଥାନ୍ତି । ଯେଉଁଠାରେ ଅପରାଧ ଘଟାଇଥାନ୍ତି, ସେଠାରେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥାନ୍ତି କିମ୍ବା ତଦନ୍ତକୁ ବାଟବଣା କରିବାକୁ ଅନ୍ୟ ରୂପ ଦେଇଥାନ୍ତି । ଅପରାଧୀ ଯେତେ ଚାଲାକ ହେଲେ ବି କିଛି ନା କିଛି ପ୍ରମାଣ ଛାଡି ଦେଇଯାଇଥାଏ । ବିଳମ୍ବରେ ହେଲେ ବି ଜଘନ୍ୟ ଅପରାଧୀଟିଏ ଧରାପଡ଼ିଥାଏ । ଯେତେସବୁ ଅପରାଧ ସଂଘଟିତ ହୋଇଛି, ତାପଛରେ ଯଥେଷ୍ଟ ପ୍ରମାଣ ମିଳିପାରିଛି କିନ୍ତୁ ପ୍ରଥମେ ପୋଲିସକୁ ବାଟବଣା କରିବାକୁ ଅପରାଧୀ ଚେଷ୍ଟା କରିଥାଏ ।

### ଆର୍ମ ଟ୍ରାଫିକିଂ-

ବେଆଇନ ଭାବରେ ଅସ୍ତ୍ରଶସ୍ତ୍ର ରଖିବା ଓ ବ୍ୟବହାର କରିବା ପଛରେ ନିହାତି ଅପରାଧ ଲୁଚି ରହିଥାଏ । ବେଆଇନ ଭାବରେ ଅସ୍ତ୍ରଶସ୍ତ୍ର ରଖିବା କ୍ଷେତ୍ରରେ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ,ଓଡ଼ିଶା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ହିଁ ପ୍ରମୁଖ ରାଜ୍ୟ ଭାବରେ ରହିଛନ୍ତି । ଏହି ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଅପରାଧୀମାନେ ହତ୍ୟା, ଲୁଟତରାଜ, ଦୁଷ୍କର୍ମ ଭଳି ଜଘନ୍ୟ କାମ କରିଥାନ୍ତି । ଏହି ବେଆଇନ ଅସ୍ତ୍ରଶସ୍ତ୍ର ହିଁ ସେମାନଙ୍କର ମୁଖ୍ୟ ଆୟୁଧ ହୋଇଥାଏ । ଏହି ଆର୍ମ ଟ୍ରାଫିକିଂ ହିଁ ଦେଶ ନୁହେଁ ପୃଥିବୀର ମଧ୍ୟ ପ୍ରମୁଖ ସମସ୍ୟା ଭାବରେ ପରିଗଣିତ ହୋଇଛି ।

### ସାଇବର କ୍ରାଇମ୍-

ସାଇବର କ୍ରାଇମ୍ ଆଜିକା ଦିନର ମୁଣ୍ଡବ୍ୟଥାର କାରଣ ମଧ୍ୟ ହୋଇଛି । ଯଦିଓ ଏହା ରକ୍ତପାତ, ହତ୍ୟା କି କୌଣସି ହୃଦୟବିଦାରକ ଦୃଶ୍ୟ ଭଳି ପ୍ରତୀୟମାନ ହୁଏନାହିଁ କିନ୍ତୁ ଏହି କ୍ରାଇମ୍ ଫଳରେ ମଣିଷ ଯେଉଁ କ୍ଷତିର ସମ୍ମୁଖୀନ ହୁଏ ଭରଣା କରିବା କଷ୍ଟ ହୋଇଥାଏ । ଟେକ୍ନୋଲୋଜିର ଉନ୍ନତି ଓ ବହୁଳ ବ୍ୟବହାର କାରଣରୁ ସାଇବର କ୍ରାଇମ ଆଶାତୀତ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ନିୟନ୍ତ୍ରଣ କରିବାକୁ ଯେଉଁ ଜ୍ଞାନକୌଶଳ କି ସାଧନ ଦରକାର ଅଭାବ ଥିବା କାରଣରୁ ତାହାର ସମାଧାନ କରାଯାଇପାରୁନାହିଁ ।

### ପୋକ୍‌ସୋ-

ପ୍ରୋଟେକସନ୍ ଅଫ୍ ଚିଲଡ୍ରେନ ଫର୍ମ ସେକ୍ସୁଆଲ ଅଫେନ୍ସ ବଳରେ ଶିଶୁମାନଙ୍କ ପ୍ରତି ବୃଦ୍ଧି ପାଉଥିବା ଯୌନ ନିର୍ଯାତନାକୁ ରୋକିବାକୁ ଅଣାଯାଇଥିବା ଆଇନ । ଦିଲ୍ଲୀରେ ଶିଶୁ ଯୌନ ନିର୍ଯାତନା ଅଧିକ ଥିବାବେଳେ ହରିୟାଣା, ଛତିଶଗଡ଼ରେ ମଧ୍ୟ କମ୍ ନୁହେଁ ।

ବଢୁଛି ନାବାଳିକାଙ୍କ ପ୍ରତି ନିର୍ଯାତନା-

ବର୍ତ୍ତମାନ ସମୟରେ ନାବାଳିକାଙ୍କ ପ୍ରତି ନିର୍ଯାତନା ଯେଭଳି ଭାବରେ ବଢ଼ି ଚାଲିଛି, ତାହା ମୁଣ୍ଡ ବ୍ୟାଥାର କାରଣ ହୋଇଯାଇଛି । ଏହାର ସଂଖ୍ୟା ଏତେ ଆଶାତୀତ ଭାବରେ ବଢ଼ିଯାଇଛି ଯେ, ନିୟନ୍ତ୍ରଣ କରିବା ମଧ୍ୟ କଷ୍ଟ ହୋଇଯାଉଛି । ବିଳମ୍ବିତ ନ୍ୟାୟ ପ୍ରକ୍ରିୟା ପାଇଁ ସଚେତନ ହେଉନାହାନ୍ତି ଲୋକେ ।

## ମନକୁ ଆସିଲା ଯାହା ୬୧

# କାହିଁକି ଏ ପାଗଳାମି.. ! !



ସୌମ୍ୟଶ୍ରୀ ପାଣିଗ୍ରାହୀ

ଆଜିର ଇଣ୍ଟରନେଟ୍ ଯୁଗରେ କୌଣସି ଖବର ଲୁଚି ରହୁଛି କି ? ଯେତେ ଲୁଚେଇବାକୁ ଚାହିଁଲେ ବି ତୁଣ୍ଡ ବାଇଦ ସହସ୍ର କୋଶ ପରି ବ୍ୟାପି ଯାଉଛି ଯେକୌଣସି ସମାଚାର । ସବୁ ଖବର ଯେତେବେଳେ ସମସ୍ତେ ଜାଣୁଛନ୍ତି, କେହି ନିଜକୁ ବେଶି ସିଆଣିଆ ଭାବି ନିଜ ବିଷୟରେ କୌଣସି କଥାକୁ ବେଶୀ ସମୟ ଲୁଚେଇ ରଖିପାରିବ କି ? ଗତ ମାର୍ଚ୍ଚ ୬ ତାରିଖରେ ସଂଘ ଲୋକସେବା ଆୟୋଗର ସିଭିଲ୍ ସର୍ଭିସ୍ ପରୀକ୍ଷାର ଚୂଡାନ୍ତ ମେଧା ତାଲିକା ଘୋଷିତ ହେବା ପରଠାରୁ ଗୋଟେ ପରେ ଗୋଟେ ଅଦ୍ଭୁତ ବିବାଦ ସାମ୍ନାକୁ ଆସିବାରେ ଲାଗିଛି । ଗୋଟିଏ ର୍ୟାଙ୍କ୍‌କୁ ଦାବି କରୁଛନ୍ତି ଦୁଇ ଜଣ ଛାତ୍ରୀ । ୩୦୧ ସ୍ଥାନରେ ଅଛନ୍ତି ଆକାଂକ୍ଷା ସିଂହ ନାମକ ଛାତ୍ରୀ । ମାତ୍ର ଏଇଠି ସବୁ ସମସ୍ୟାର ଆରମ୍ଭ । ଉତ୍ତରପ୍ରଦେଶର ଗାଜିପୁରର ଡାକ୍ତରୀ ଛାତ୍ରୀ ଆକାଂକ୍ଷା ପ୍ରକୃତରେ ଏହି ସ୍ଥାନ ହାସଲ କରିଥିବାବେଳେ ବିହାରର ଭୋଜପୁର (ଆରା)ର ଝିଅ ତଥା ରଣବୀର ସେନାର ସଂସ୍ଥାପକ ବ୍ରହ୍ମେଶ୍ୱର ମୁଖିଆଙ୍କ ନାତୁଣୀ ଆକାଂକ୍ଷା ସିଂହ ମଧ ସମାନ ସ୍ଥାନ ହାସଲ କରିଥିବାର ଦାବି କରିଛନ୍ତି ।

ପ୍ରେସ୍ ମିଡିଆ, ଗଣମାଧ୍ୟମ ବି ତାଙ୍କର ସାକ୍ଷାତକାର ନେଲେ । ସେ ବି ଖୁବ୍ ଆତ୍ମବିଶ୍ୱାସର ସହିତ ସାମ୍ବାଦିକଙ୍କୁ ସାମ୍ନା କଲେ । ଏକ ଚର୍ଚ୍ଚାର ବିଷୟ ପାଲଟିଲା, ଏହି ରାଜନୈତିକ ପରିବାରର ସଫଳତାର କାହାଣୀ । ବିହାର ରାଜନୀତିରେ ପୁଣି ଥରେ ଜାତିବାଦକୁ ପ୍ରୋତ୍ସାହନ ମିଳିଲା । ଆକାଂକ୍ଷା ବି କ୍ୟାମେରା ସାମ୍ନାରେ ନିଜର ଆଡ୍‌ମିଟ୍ କାର୍ଡ ଓ ରୋଲ୍ ନମ୍ବର ଦେଖେଇ ପ୍ରଶଂସା ସାଉଁଟିଲେ । ଚାରିଆଡେ ବଧେଇର ସୁଅ ଛୁଟିଲା । ମୁଖ୍ୟ ଲିଖିତ ପରୀକ୍ଷାରେ ପଡିଥିବା ପ୍ରଶ୍ନ, ପୁଣି ସାକ୍ଷାତକାରରେ ତାଙ୍କୁ ପଚରା ଯାଇଥିବା ପ୍ରଶ୍ନଗୁଡିକ ମଧ ଖୁବ୍ ସହଜ ଭାବେ କହିଚାଲିଲେ । କିଛି ବର୍ଷ ଧରି ସିଭିଲ୍ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳେଇ ଥିବାରୁ କାହାରି ଅବିଶ୍ୱାସର କାରଣ ନଥିଲା । ସମସ୍ତେ ସତ ବୋଲି ମାନିବସିଥିବା ବେଳେ ଆସିଲା କାହାଣୀରେ ରୋଚକ ମୋଡ଼ ।

ଅସଲି ଆକାଂକ୍ଷା ଯେତେବେଳେ ନିଜର ରୋଲ୍ ନମ୍ବର ୦୮୫୬୭୯୪ ର ପ୍ରବେଶପତ୍ର ସହ ଭିଡିଓ ୟୁଟ୍ୟୁବ୍‌ରେ ଅପଲୋଡ୍ କଲେ, ସେତେବେଳେ ସାମ୍ବାଦିକ ମାନେ ବି ସତ ଖୋଜିବା ଆରମ୍ଭ କଲେ । ପ୍ରବେଶପତ୍ରର କ୍ୟୁଆର୍ କୋଡ୍‌କୁ ସ୍କାନ୍ କରିବାରୁ ସତ କଥା ଜଣାପଡିଲା । ପ୍ରକୃତରେ ଗାଜିପୁରର ଆକାଂକ୍ଷା ଥିଲେ ୩୦୧ ସ୍ଥାନର ଅଧିକାରୀ । ମାତ୍ର ଏଠି ପ୍ରଶ୍ନ, ଆଦୌ ପ୍ରାରମ୍ଭିକ ପରୀକ୍ଷା ଅତିକ୍ରମ ନ କରି ମଧ ଜଣେ ଏତେ ଆତ୍ମବିଶ୍ୱାସର ସହ କ୍ୟାମେରା ସାମ୍ନାରେ ଡାହା ମିଛ କିପରି କହିପାରେ ? ଯିଏ ପ୍ରିଲିମିନାରୀ ପରୀକ୍ଷା ବି ପାସ୍ କରିନାହିଁ ସିଏ କହୁଛି ସାକ୍ଷାତକାରର ପ୍ରଶ୍ନ..!! ୱାହ୍ ୱାହ୍..!!

ଆପଣଙ୍କର ଜ୍ୟୋତି ମିଶ୍ରଙ୍କର କଥା ମନେଥିବ । ରାୟବରେଲିର ସେହି ଝିଅ ଯିଏ ୨୦୨୨ରେ ସଂଘ ଲୋକସେବା ଆୟୋଗର ପରୀକ୍ଷାରେ ୨୦୬ ସ୍ଥାନରେ ଥିବାର ପ୍ରଚାର ହେଇଗଲା । ଉତ୍ତରପ୍ରଦେଶ ପୁଲିସ୍ ବିଭାଗରେ ସବ୍-ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ପିତାଙ୍କୁ ମୁଖ୍ୟମନ୍ତ୍ରୀ ବି ଗୃହ ବିଭାଗର ୱେବ୍‌ସାଇଟ୍‌ରେ ବଧେଇ ଜଣେଇଲେ । ଏପଟେ ଜ୍ୟୋତିଙ୍କୁ ବୈଦେଶିକ ସେବା ମିଳିଥିବା ଓ ସ୍ପେନ୍‌ର ଦୂତାବାସରେ ମୁତୟନ ହୋଇଥିବାର ଖବର ଜଣେଇଦେଲେ ଘରକୁ । ଅସଲରେ କିନ୍ତୁ ସେମିତି କିଛି ଘଟି ନଥିଲା । ଜ୍ୟୋତି ଗତ ୩ ଥର ପରି ସେଥର ମଧ ପ୍ରାରମ୍ଭିକ ପରୀକ୍ଷାରୁ ଆଗକୁ ବଢିପାରି ନଥିଲେ । ମାତ୍ର ନିଜର ସାନ ଭଉଣୀ ସଫଳତାର ଏ କଥା ପ୍ରଚାର କରିଦେବାରୁ ସେ ମଧ ମନା ନକରି ଆହୁରି ମିଛ ଉପରେ ମିଛ କହି ଚାଲିଥିଲେ । ଯେବେ ୨୦୨୫ର ପୂଜା ସିଂହଲଙ୍କର ମାମଲା ବିବାଦୀୟ ହୋଇ ସାମ୍ନାକୁ ଆସିଲା ସେତେବେଳେ ଇଣ୍ଟରନେଟ୍‌ରେ ଲୋକେ ଖୋଜାଖୋଜି କରି ଏ ଜ୍ୟୋତି ମିଶ୍ରଙ୍କୁ ବି ସାମ୍ନାକୁ ନେଇ ଆସିଲେ । ସ୍ପେନ୍‌ର ଦୂତାବାସ ବି ସ୍ପଷ୍ଟୀକରଣ ଦେଲେ ଯେ ଜ୍ୟୋତି ମିଶ୍ର ନାମରେ କୌଣସି ଅଧିକାରୀ ସେଠାରେ କାମ କରୁନାହାନ୍ତି । ଏଥର ମିଛର ମୁଖା ଖୋଲିଗଲା ।

ଏଥର ଲୋକସେବା ଆୟୋଗର ପରୀକ୍ଷା ପରିଣାମ ପରେ ଏମିତି ଫର୍ଜି କାରନାମାର ଅନ୍ୟୁନ ୫ଟି କାହାଣୀ ସାମ୍ନାକୁ ଆସିଛି । କିଏ ନିଜ ଦୋଷ ମାନିଛି, ଆଉ କିଏ ଫେରାର ହେଇଯାଇଛି । ବଡ଼ ବିଚିତ୍ର ରଞ୍ଜିତ ଯାଦବଙ୍କର କାହାଣୀ । ୟୁପିଏସ୍‌ସି ପରୀକ୍ଷାର ଚୂଡାନ୍ତ ତାଲିକାରେ ୪୦୨ ସ୍ଥାନରେ ଥିବା ରଞ୍ଜିତ ବୋଲି ଦାବି କଲେ ବିହାରର ଶେଖପୁରର ରଞ୍ଜିତ କୁମାର । ପୂର୍ବତନ ବିଧାୟକ ବିଜୟ ସମ୍ରାଟ ନିଜ ସମର୍ଥକମାନଙ୍କ ସହ ବାଜା ବଜେଇ ଶୋଭାଯାତ୍ରାରେ ଆସି ଶୁଭେଚ୍ଛା ଜଣେଇଲେ । ସ୍ଥାନୀୟ ଥାନାଧିକାରୀ ମଧ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣେଇଦେଲେ । ସେ ବି କ୍ୟାମେରା ସାମ୍ନାରେ ନିଜ ସଫଳତାର କାହାଣୀ ଲମ୍ବାଚୌଡ଼ା କରି ବଖାଣିଲେ । ମାତ୍ର ଯେତେବେଳେ କର୍ଣ୍ଣାଟକର ଚିକବଲ୍ଲାପୁରର ରଞ୍ଜିତ କୁମାର ସାମ୍ନାକୁ ଆସିଲେ, ଜଣାପଡିଗଲା ଯେ ଏହି ରଞ୍ଜିତ ଡାହା ମିଛ କହୁଛନ୍ତି ବୋଲି । ଏଥର ଥାନାଧିକାରୀ ଫୋନ୍ କରି ପରୀକ୍ଷା ପ୍ରବେଶପତ୍ର ଓ ଆଧାର କାର୍ଡ ଧରି ଥାନାକୁ ଆସିବାକୁ କହିବାରୁ ସେ ଜାଣିଲେ ଯେ ତାଙ୍କର ମିଛର ମୁଖା ଖୋଲିଯାଇଛି । ସେ ଫେରାର ହେଇଗଲେ । ଏପଟେ ଥାନାବାବୁ ରଞ୍ଜିତଙ୍କୁ ଖୋଜୁଥିବା ବେଳେ ପୂର୍ବତନ ବିଧାୟକ ବି ଫେସବୁକ୍‌ରୁ ନିଜର ବଧେଇ ଓ ଫଟୋକୁ ହଟେଇ ସାରିଲେଣି । ଏବେ ମୁଁ ବୁଝିପାରୁଛି ବିହାରରେ କିଛି ବି ହେଇପାରେ ।

ଠିକ୍ ସେମିତି ଏକ ପରିସ୍ଥିତି ଉପୁଜିଛି, ୧୧୩ ନମ୍ବର ସ୍ଥାନକୁ ନେଇ । ଉତ୍ତରପ୍ରଦେଶର ବୁଲନ୍ଦସହରର ଶିଖା ନାମରେ ଝିଅଟିଏ, ଏହାକୁ ନିଜର ର୍ୟାଙ୍କ୍ ବୋଲି ଦାବି କରିଥିବା ବେଳେ ହରିୟାଣାର ରୋହତକର ଶିଖା ଗୌତମ ମଧ ସମାନ ଦାବି କରିଛନ୍ତି । ଇଣ୍ଟରନେଟ୍ ମାଧ୍ୟମରେ ଏହା ଭାଇରାଲ୍ ହେବା ପରେ, ବୁଲନ୍ଦସହରର ଶିଖା ନିଜ ଦାବିରୁ ଓହରିଯାଇ, ନାମ ସହ ରୋଲ ନମ୍ବର ଦେଖିନଥିବାର ସଫେଇ ଦେଇଛନ୍ତି । ମାତ୍ର ମୋ ମନରେ ଏକ ପ୍ରଶ୍ନ, ଏସବୁ ହେଉଛି କାହିଁକି ? ସଂଘ ଲୋକସେବା ଆୟୋଗର ପରୀକ୍ଷାକୁ ନେଇ କାହିଁକି ଏ ପାଗଳାମି ? କାହିଁକି ଏତେ ଚର୍ଚ୍ଚା ? କାହିଁକି ଏ ପରୀକ୍ଷା ପାଇଁ ଏତେ ଆକର୍ଷଣ ? ମୁଁ ଭାବୁଛି, ଏ ପରୀକ୍ଷା ପାଇଁ ଯେତେ ପ୍ରତିଦ୍ୱନ୍ଦ୍ୱିତା ଓ ଛକାପଞ୍ଝା ପ୍ରତିଯୋଗିତା ଥିଲେ ମଧ ସଫଳତାର ସହ ଉତ୍ତୀର୍ଣ୍ଣ ହେଲା ପରେ ମିଳିବାକୁ ଥିବା ସୁଖ ସୁବିଧାର ସ୍ୱପ୍ନ ହିଁ ଯୁବଗୋଷ୍ଠୀକୁ ଏ ପରୀକ୍ଷା ପାଇଁ ଆକର୍ଷିତ କରୁଛି ଏବଂ ସେମାନେ ଏ ସ୍ୱପ୍ନକୁ ହାସଲ କରିବା ପାଇଁ କିଛି ବି କରିବାକୁ ତୟାର ।

ଏଥର ପୁଣି ବିବାଦ ଉପୁଜିଛି, ୭୯ ସ୍ଥାନକୁ ନେଇ । ଉତ୍ତରପ୍ରଦେଶର ଗାଜିପୁରର ପ୍ରିୟଙ୍କା ଚୌଧୁରୀ ଏହାକୁ ନିଜର ବୋଲି ଦାବି କରିଥିଲା ବେଳେ ଅସଲି ସଫଳ ପରୀକ୍ଷାର୍ଥୀ ହେଉଛନ୍ତି ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାର ପ୍ରିୟଙ୍କା । ପୁଣି ୭୦୮ ସ୍ଥାନକୁ ନେଇ ଉତ୍ତରାଖଣ୍ଡର ରୁର୍‌କି ଜିଲ୍ଲାର ଫୈରୁଜ ପ୍ରତିମା ଓ ସମାନ ନାମଧାରୀ କେରଳର କସାରଗୋଡ଼ ଜିଲ୍ଲାର ପ୍ରତିମାଙ୍କ ଭିତରେ ବିବାଦ ଚାଲିଛି । ଏସବୁ ଭିତରେ ଲୋକସେବା ଆୟୋଗ କେବଳ ସ୍ପଷ୍ଟୀକରଣ ରଖିଚାଲିଛି । ମାତ୍ର ଏସବୁ ହେଉଛି କାହିଁକି ? ସମାଜରେ ପ୍ରତିଷ୍ଠା, ନିଜ ଗାଁ/ସହରରେ ସମ୍ମାନ ଓ ସରକାରୀ ଚାକିରି ପ୍ରତି ଅହେତୁକ ଲୋଭ ହିଁ ଏସବୁର ମୂଳ କାରଣ ବୋଲି ମୁଁ ଭାବୁଛି ।

ଏଠି କହିବି ମଧ୍ୟପ୍ରଦେଶର ଛତରପୁର ଅଞ୍ଚଳର ବାମହୋରି ଗାଁରେ ରହୁଥିବା ପୁଷ୍ପେନ୍ଦ୍ର ଶ୍ରୀବାସ୍ତବଙ୍କ କଥା । ସେ ୧୯୯୮ ମସିହାରେ ଦିଲ୍ଲୀର ମୁଖାର୍ଜୀ ନଗରକୁ ଏହି ଲୋକସେବା ପରୀକ୍ଷାର ପ୍ରସ୍ତୁତି ପାଇଁ ଆସିଥିଲେ । ଗତ ୨୮ ବର୍ଷ ଭିତରେ, ସେ ୭୩ ଥର ପ୍ରାରମ୍ଭିକ ପରୀକ୍ଷା, ୪୩ ଥର ମୁଖ୍ୟ ଲିଖିତ ପରୀକ୍ଷା ଏବଂ ୯ ଥର ସାକ୍ଷାତକାର ପାଇଁ ଡାକରା ପାଇଥିଲେ ବି ପ୍ରତିଥର ଅସଫଳତା ହିଁ ମିଳିଛି ତାଙ୍କୁ । ବିଭିନ୍ନ ରାଜ୍ୟର ପ୍ରାଦେଶିକ ଲୋକସେବା ପରୀକ୍ଷାର ସଫଳତାର ଦ୍ୱାରଦେଶରେ ପହଞ୍ଚି ବି ଶେଷ ମୁହୂର୍ତ୍ତରେ ଅସଫଳ ହୋଇ ଫେରୁଥିବା ପୁଷ୍ପେନ୍ଦ୍ରଙ୍କୁ ଏବେ ୪୭ ବର୍ଷ । ତଥାପି ସେ ଆଶା ହାରି ନାହାନ୍ତି । ବିଭିନ୍ନ କୋଚିଂ ସେଣ୍ଟର୍‌ରେ ପାଠ ପଢେଇ ନିଜର ଖର୍ଚ୍ଚ ଚଳାଉଥିବା ପୁଷ୍ପେନ୍ଦ୍ର ଏଯାବତ ବିବାହ କରି ସଂସାର ଆରମ୍ଭ କରିନାହାନ୍ତି । ନିଜ ପିତାଙ୍କର ଗୋଟିଏ କଥା ତାଙ୍କର ମନେ ଅଛି । ସେ କହୁଥିଲେ - 'କେବେ ବି ପାଠ ପଢିବାର ଅଭିନୟ ବା ଛଳନା କରିବୁନି ।' ଏହି କଥା ହିଁ ତାଙ୍କୁ ପୁଣି ଥରେ ପ୍ରତିଥର ନୂଆ ଉର୍ଜାରେ ଭରି ଦେଉଛି ଏବଂ ପ୍ରତିଟି ଅସଫଳତା ପରେ ସେ ଲାଗି ପଡୁଛନ୍ତି ଆଉ ଏକ ପରୀକ୍ଷା ପାଇଁ ।

ମୋର ଜଣେ ବନ୍ଧୁ ଗତକାଲି ଫେସ୍‌ବୁକ୍‌ରେ ପୋଷ୍ଟ କରିଛି- 'ଆଠ ଥର ପ୍ରାରମ୍ଭିକ ପରୀକ୍ଷା, ଚାରି ଥର ମୁଖ୍ୟ ପରୀକ୍ଷା ଓ ତିନି ଥର ସାକ୍ଷାତକାରକୁ ସାମ୍‌ନା କରି ମଧ ମୁଁ ସଫଳ ହୋଇପାରିଲି ନାହିଁ । ୟୁପିଏସ୍‌ସି ପାଖରେ ମୁଁ ହାରିଗଲି । ଜୀବନର ମୂଲ୍ୟବାନ ୧୦ ବର୍ଷ ସମୟ ଏବଂ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ମୁଁ ପାଇଲି କ'ଣ ? ଏବେ ଚାକିରି କରିବାର ବୟସ ସରିଆସିଲା ବେଳକୁ ମୁଁ ବେକାର । ପୁଣି ଥରେ ନୂଆ ଶକ୍ତି, ସାମର୍ଥ୍ୟ ନେଇ ଆଉ ଗୋଟିଏ ଚାକିରି ଅନ୍ୱେଷଣ କରିବାକୁ ମୋର ଆଉ ଇଚ୍ଛା ନାହିଁ । ତେଣୁ ଘରକୁ ଫେରି ବାପାଙ୍କ ବ୍ୟବସାୟକୁ ହିଁ ଆଦରିନେବି । ମାତ୍ର ଗତ ୧୦ ବର୍ଷର ଯାତ୍ରା ମୋତେ ଜୀବନକୁ ବୁଝିବାରେ ସାହାଯ୍ୟ କରିଛି ।'

ପ୍ରକୃତରେ ଏହା ହିଁ ବାସ୍ତବତା । ଲୋକସେବା ଆୟୋଗର ପରୀକ୍ଷା ଏକ ମରୀଚିକା ମାତ୍ର । ଏଥିରେ ୧୫ ଲକ୍ଷ ପିଲା ଫର୍ମ ଭରନ୍ତି । ସମସ୍ତଙ୍କ ଇଚ୍ଛା ଆଇଏଏସ୍ କି ଆଇପିଏସ୍ ବନିବା । ମାତ୍ର ସଫଳତା ମିଳେ ହାତଗଣତି କେଇ ଜଣଙ୍କୁ । ଏହି ଦୌଡରେ ସମସ୍ତେ ଦୌଡୁଛନ୍ତି, ମୁଁ ବି ଦୌଡିବି, ଭିଡ ଭିତରର ଆଉ ଗୋଟିଏ ଚେହେରା ହୋଇ । ଏହି ଇଚ୍ଛାରୁ ଯେତେ ଶୀଘ୍ର ଓହରି ଆସିପାରିବେ, ନିଜ କ୍ୟାରିୟର୍ ପାଇଁ ସେତେ ଭଲ । ନା, କ'ଣ କହୁଛନ୍ତି..!!

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ୭୦୦୮୬୦୧୧୬୧

ଫ୍ୟାସନ୍

# ଥରେ ଶାଢ଼ି ପିନ୍ଧନ୍ତୁ ତ !

ଅପର୍ଣ୍ଣା ନାୟକ

ଶାଢ଼ିରେ ସାଧାରଣତଃ ସବୁ ଝିଅ ସୁନ୍ଦର ଲାଗନ୍ତି । କିନ୍ତୁ ନୂଆକରି ଶାଢ଼ି ପିନ୍ଧିବା ବେଳେ ଅନେକଙ୍କ ଭିତରେ ଏମିତି ହୀନଭାବନା ଆସିଯାଏ ଯେ ମୁଁ ଗେଡ଼ୀ କି ଏତେ ମୋଟୀ, ମତେ ଶାଢ଼ି କେମିତି ଦେଖାଯିବ । କିନ୍ତୁ ଏମିତି ଧାରଣା ଆଦୌ ଠିକ୍ ନୁହେଁ । କାରଣ ଜରୁରୀ ନୁହେଁ ସମସ୍ତେ ପରୀଟିଏ ହୋଇ ଜନ୍ମ ହୋଇଥିବେ । ତେବେ ନିଜର ଚେହେରାକୁ ଦେଖି ଯଦି ଆପଣ ଠିକ୍ ଭାବରେ ପିନ୍ଧିପାରିବେ, ତା'ହେଲେ ଆପଣ ବି ପରୀଠାରୁ କିଛି କମ୍ ଲାଗିବେନି । ତେଣୁ ଏବେ ଶାଢ଼ି ପିନ୍ଧିବା ପୂର୍ବରୁ ପ୍ରଥମେ ଦେଖନ୍ତୁ ଆପଣଙ୍କ ଚେହେରା ଆଉ ସ୍ୱାସ୍ଥ୍ୟ କେମିତି ।

ସାଧାରଣ ସ୍ୱାସ୍ଥ୍ୟ ଆଉ ଉଚ୍ଚତା ଥିଲେ : ଆପଣଙ୍କ ସ୍ୱାସ୍ଥ୍ୟ ଓ ଉଚ୍ଚତା ଯଦି ସାଧାରଣ, ତା'ହେଲେ ଯେକୌଣସି ଶାଢ଼ି ଆପଣଙ୍କୁ ଖୁବ୍ ଭଲ ଦେଖାଯିବ । ଆପଣ ଶାଢ଼ିକୁ କାନ୍ଧରେ ଖୋଲା ଛାଡ଼ି ବା ଫୋଲଡ଼୍ କରି ପିନ୍ଧିପାରନ୍ତି । ଯେକୌଣସି ଷ୍ଟାଇଲରେ ଶାଢ଼ି ପିନ୍ଧିଲେ ବି ଆପଣଙ୍କୁ ଖୁବ୍ ମାନିବ ।

**ବଷ୍ଟଲାଇନ୍ ଛୋଟ ଥିଲେ :** ଯଦି ଆପଣଙ୍କ ବଷ୍ଟ ଲାଇନ ଛୋଟ, ତାହେଲେ ମନରେ ହୀନଭାବନା ରଖନ୍ତୁ ନାହିଁ । ଠିକ୍ ଭାବରେ ଶାଢ଼ି ବାଛି ପାରିଲେ ଆପଣ ଏହି ଅଭାବକୁ ଲୁଚାଇ ପାରିବେ । ଆପଣ ସିଲ୍‌କ, ଆରଗାଣ୍ଡି ଓ ଟିସୁ ଆଦି ଶାଢ଼ୀ ବାଛନ୍ତୁ । ବନାରସୀ, କାଞ୍ଜିବରମ ଭଳି ଅତି ହେଭି ଶାଢ଼ି ଆଦି ପିନ୍ଧନ୍ତୁ ନାହିଁ । ବ୍ୟାକଲେସ ବ୍ଲାଉଜ ପିନ୍ଧନ୍ତୁ, ଯେମିତି ବଷ୍ଟରୁ ନେଇ ବ୍ୟାକ୍‌କୁ ଯାଉଥିବ, ଆପଣ ଶାଢ଼ିକୁ ଖୋଲା ଛାଡ଼ି ଦିଅନ୍ତୁ । ଫୋଲଡ଼୍ କରି ପିନ୍ଧନ୍ତୁ ନାହିଁ ।

**ସୁନ୍ଦର ଫିଗର ଥିଲେ :** ଯଦି ଆପଣଙ୍କ ଫିଗର ଖୁବ୍ ସୁନ୍ଦର ତା' ହେଲେ ଯେମିତି ବି ଶାଢ଼ି ପିନ୍ଧନ୍ତୁ ଆପଣଙ୍କୁ ଖୁବ୍ ମାନିବ । ଭଲ ଫିଗର ଥିଲେ ଲାଇଟ କଲର ଶାଢ଼ି ପିନ୍ଧନ୍ତୁ, ଏଥିରେ ଫିଗର ଠିକ୍ ଦେଖାଯିବ । ବ୍ୟାକଲେସ ବ୍ଲାଉଜ ହେଉ କି ଯେକୌଣସି ଡିଜାଇନର ବ୍ଲାଉଜ - ସବୁ ଆପଣଙ୍କୁ ଭଲ ଦେଖାଯିବ । ଆପଣ ସିଲକ ଶାଢ଼ି ପିନ୍ଧିଲେ ଭଲ ନଚେତ୍ ଅନ୍ୟ ଯେକୌଣସି ଶାଢ଼ି ପିନ୍ଧନ୍ତୁ ଭଲ ଦେଖାଯିବ ।

**ଟିକେ ମୋଟୀ ହେଇଥିଲେ :** ଯଦି ଆପଣ ଟିକେ ମୋଟୀ ବା ଆପଣଙ୍କ ଷ୍ଟ୍ରକଚର ଚଉଡ଼ା, ତାହେଲେ ଅଧିକ କାମ ଥିବା ଶାଢ଼ି ଯଥା : ବନାରସୀ, କାଞ୍ଜିବରମ୍ ବଦଳରେ ଶିଫନ ଜର୍ଜେଟ ପରି ହାଲକା ଶାଢ଼ି ପିନ୍ଧନ୍ତୁ । ଏଥିରେ ଆପଣଙ୍କ ହାଇଟ୍ ଅଧିକ ଲାଗିବ । ଆପଣ ଶାଢ଼ି ସହିତ ଫୁଲ ହାତ ଥିବା ବ୍ଲାଉଜ କି ଜ୍ୟାକେଟ ଆଦୌ ପିନ୍ଧନ୍ତୁ ନାହିଁ । ହୋରିଜେଣ୍ଟାଲର ଷ୍ଟ୍ରିପ ଥିବା ଶାଢ଼ି ନ ପିନ୍ଧି ଭର୍ଟିକାଲ ଷ୍ଟ୍ରାଇପ ଥିବା ଶାଢ଼ି ପିନ୍ଧନ୍ତୁ । ପୂରା ଲାଇଟ କଲର ଶାଢ଼ି ପିନ୍ଧିବେନି । ଯେତେ ସମ୍ଭବ ଡିପ୍ କଲର ପିନ୍ଧିବେ । କଳା ରଂଗ ପିନ୍ଧନ୍ତୁ, ଏଥିରେ ଆପଣ ଅଧିକ ସ୍ଲିମ ଲାଗିବେ । ଆପଣ ଅଧିକ ମୋଟା ବର୍ଡ଼ର ଥିବା ଶାଢ଼ି ପିନ୍ଧନ୍ତୁ ନାହିଁ । ଏଥିରେ ଆପଣ ଡେଙ୍ଗା ଲାଗିବା ସହିତ ସ୍ଲିମ ବି ଲାଗିବେ ।



ବଷ୍ଟ ଲାଇନ ବଡ଼ ଥିଲେ : ବଷ୍ଟ ଲାଇନ ବଡ଼ ଥିଲେ ସିଲ୍‌କ, କଟନ୍ ସବୁ ପିନ୍ଧିପାରିବେ । ଯଦି ବଷ୍ଟ ଲାଇନକୁ କିଛିଟା ଲୁଚାଇବାକୁ ଚାହୁଁଛନ୍ତି, ତାହେଲେ ଶାଢ଼ି ଫୋଲଡ଼୍ କରି ପିନ୍ଧନ୍ତୁ ନଚେତ ଶାଢ଼ିକୁ ଖୋଲା ଛାଡ଼ି ଦିଅନ୍ତୁ । ବ୍ଲାଉଜର ଆଗପଟ ଅତି ଡିପ୍ କରନ୍ତୁ ନାହିଁ ।

**ହିଲ୍ ପିନ୍ଧିସାରି ଶାଢ଼ି ପିନ୍ଧନ୍ତୁ :** ସବୁବେଳେ ହିଲ ପିନ୍ଧି ସାରି ତା'ପରେ ଶାଢ଼ି ପିନ୍ଧନ୍ତୁ । ଯେମିତି ଶାଢ଼ି ଓହଳିକି ରହୁଥିବ ଓ ଚପଲ ଦେଖାଯାଉ ନଥିବ । ଧ୍ୟାନ ରଖିବେ, ଶାଢ଼ିରେ ଯେମିତି ପାଦ ଦେଖାଯାଉ ନଥିବ । ଆଉ ଗୋଟିଏ ବିଶେଷ କଥା ହେଲା, ଯଦି ଆପଣ ଗେଡ଼ୀ ହୋଇଥାନ୍ତି, ତାହେଲେ ଫୋଲଡ଼୍ କରି ଶାଢ଼ି ପିନ୍ଧନ୍ତୁ ଆଉ ଡ଼େଙ୍ଗା ହୋଇଥିଲେ ଆଞ୍ଚଲ ଖୋଲି ପିନ୍ଧନ୍ତୁ ।

ଆଜିକାଲି ମହିଳାମାନଙ୍କ ଭିତରେ ଶାଢ଼ିର ଟ୍ରେଣ୍ଡେ ଦିନକୁ ଦିନ ବଦଳୁଛି । ପ୍ରାକୃତିକ ଭାବରେ ପ୍ରସ୍ତୁତ ଅର୍ଗାନିକ କଟନ୍, ପାଟ, ଲିନେନ, ବାମ୍ବୋ ସିଲ୍କ, ବାନାନା ଫାଇବର, ପଦ୍ମନାଡ଼ ସିଲ୍କ ସମଗ୍ର ବିଶ୍ୱରେ ଆଦୃତ । ସେହିପରି ପାରମ୍ପରିକ ଖଦି ଓ ହସ୍ତତନ୍ତ ଶାଢ଼ି ମଧ୍ୟ ପରିବେଶ ଉପଯୋଗୀ । ବର୍ତ୍ତମାନ ବଜାରରେ ୱାନମିନିଟ ଶାଢ଼ିର ଚାହିଦା ବଢ଼ିଛି । କାରଣ ବାସ୍ତବରେ ଶାଢ଼ି ପିନ୍ଧିବା ଏତେ ସହଜ ହୋଇନଥାଏ । ପାରମ୍ପରିକ ଢ଼ଙ୍ଗରେ ଶାଢ଼ି ପିନ୍ଧିବା ପାଇଁ ଧୈର୍ଯ୍ୟ ଓ କୌଶଳ ସହ ଘଣ୍ଟା ଘଣ୍ଟା ଧରି ଏହାକୁ ସଜ୍ଜିତ କରିବା ପାଇଁ ଲାଗିଯାଇଥାଏ । ଅସଲକଥା ଶାଢ଼ି ପିନ୍ଧିବା ବେଳେ କୁଞ୍ଚ ସଜାଡ଼ିବା ଓ ପଣତ ପ୍ଲେଟିଂ କରିବାରେ ସମୟ ଲାଗିଥାଏ । ତେଣୁ ବର୍ତ୍ତମାନ ବଜାରରେ ଚାହିଦା ଜମାଇ ଥିବା ୱାନ ମିନିଟ ଶାଢ଼ି ହେଉଛି ଏକ ପ୍ରକାର ସ୍କର୍ଟ କିମ୍ବା ଡ୍ରେସ ଭଳି । ଯାହାକି ସହଜରେ ପିନ୍ଧାଯାଇ ପାରିଥାଏ । ଏ ଶାଢ଼ିକୁ ପିନ୍ଧିବା ବେଳେ ଏକାଧିକ ପିନର ଆବଶ୍ୟକ ହୋଇନଥାଏ । ଏହା କେବଳ ଗୋଟିଏ ପ୍ରକାର କପଡ଼ାରେ ନୁହେଁ ବିଭିନ୍ନ କପଡ଼ା ଓ ଆକର୍ଷଣୀୟ ପ୍ରିଣ୍ଟରେ ମିଳୁଛି । ବର୍ତ୍ତମାନ ଏହା ବିଭିନ୍ନ ଲିଟିଲ ସପ୍ ଓ ଇକମର୍ସ ସାଇଟରେ ଉପଲବ୍ଧ ।

ଶାଢ଼ିରେ ଜଣେ ଜଣେ ଖୁବ୍ ଆକର୍ଷଣୀୟା ଲାଗିବାବେଳେ କେହି କେହି ବି ବୟସ୍କା ଲାଗନ୍ତି । ଏହାର କାରଣ ହେଲା, ମନଇଚ୍ଛା ଶାଢ଼ି କିଣି ପିନ୍ଧିବା ଯାହା ଆମର ବ୍ୟକ୍ତିତ୍ୱ ଓ ଚେହେରା ସହ ଖାପ୍ ଖାଏନି । ତେଣୁ ଆପଣ ଯଦି ଶାଢ଼ି ପିନ୍ଧି ସୁନ୍ଦରୀ ଓ ଆକର୍ଷଣୀୟା ଦେଖାଯିବାକୁ ଚାହାନ୍ତି, ତାହେଲେ ବାଛିବା ପୂର୍ବରୁ ଓ ପିନ୍ଧିବା ଆଗରୁ ପରଖି ନିଅନ୍ତୁ ଆପଣଙ୍କ ସ୍ୱାସ୍ଥ୍ୟ, ଦେହର ରଙ୍ଗ ଓ ଉଚ୍ଚତା । ସେହି ଅନୁସାରେ ଶାଢ଼ି କିଣନ୍ତୁ, ବ୍ଲାଉଜ ତିଆରି କରନ୍ତୁ ଓ ପିନ୍ଧିବାର ଶୈଳୀ ବି ନିର୍ଣ୍ଣୟ କରନ୍ତୁ । ଏବେ ଦେଖନ୍ତୁ ଫରକ୍ କ'ଣ !! ତେବେ ଯାହା କୁହନ୍ତୁନା କାହିଁକି ଶାଢ଼ିର ବିକଳ୍ପ ହିଁ ନାହିଁ । ଶାଢି ଠାରୁ ଆଉ ଷ୍ଟାଇଲସ ପୋଷାକ କ'ଣ ବା ଥାଇପାରେ । ବାର ହାତର ଏହି କପଡ଼ାରେ ଲୁଚି ରହିଛି ଐତିହ୍ୟ, ଆଧୁନିକତା ଓ ତମାମ ଆଭିଜାତ୍ୟ ଏବଂ ବଡ଼କଥା ହେଉଛି ଅନେକ ମହିଳା ଶାଢ଼ିରେ ଯେପରି ସୌନ୍ଦର୍ଯ୍ୟମୟୀ ହୋଇଥାନ୍ତି ତାହା ତାଙ୍କ ସ୍ୱାମୀଙ୍କୁ ଦେଖି ଖୁସି ପ୍ରଦାନ କରିଥାଏ । ଶାଢ଼ି ପିନ୍ଧନ୍ତୁ ଏବଂ ଶାଢ଼ି ଯେ ଆପଣଙ୍କ ସୌନ୍ଦର୍ଯ୍ୟ ଓ ଆଭିଜାତ୍ୟକୁ ବଢ଼ାଇଥାଏ ଏହାକୁ ଭୁଲନ୍ତୁ ନାହିଁ ।

**ମେନ ସାଗର ପାନ ରୋଡ଼, ନଂ-୩,**
**ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର,**
**ନୂଆଦିଲ୍ଲୀ, ପିନ-୧୧୦୦୪୬**

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି,ବ୍ୟବସାୟରେ ଲାଭବାନ ହେବେ । ସାମାଜିକ ମାନସମ୍ମାନ ବୃଦ୍ଧିପାଇବ । ଧନଲାଭର ସୁଯୋଗ ଆସିବ । ପାରିବାରିକ ସହଯୋଗ ମିଳିବ । ନୂତନ ଦ୍ରବ୍ୟ ଲାଭ ହେବ । ମହିଳାମାନେ ଆନନ୍ଦିତ ହେବେ ।

**ବୃଷ** ସପ୍ତାହଟି ବ୍ୟବସାୟରେ ସଫଳତା ମିଳିବ । ବିରୋଧୀମାନେ ହଇରାଣ କରିବାର ସମ୍ଭାବନା ଅଧିକ । ପାରିବାରିକ ଅଶାନ୍ତି ବୃଦ୍ଧିପାଇବ । ମାନସିକ ଅଶାନ୍ତି ବୃଦ୍ଧିପାଇବ । ଅର୍ଥ ବ୍ୟୟ ହେବାର ସମ୍ଭାବନା ଅଧିକ । ବନ୍ଧୁ ସହଯୋଗ ମିଳିବ ।

**ମିଥୁନ** ସପ୍ତାହଟି ଅର୍ଥଲାଭର ସୁଯୋଗ ଆସିବ । ଶତ୍ରୁମାନେ ପରାଜିତ ହୋଇପାରନ୍ତି । ଶାରୀରିକ ଅସୁସ୍ଥତା ବୃଦ୍ଧିପାଇବ । ଭ୍ରାତୃବିବାଦ ଦେଖାଦେଇପାରେ । ମହିଳାମାନେ ସୁଖୀ ରହିବେ । ବ୍ୟବସାରେ  ଲାଭବାନ ହେବେ ।

**କର୍କଟ** କର୍କଟ : ସପ୍ତାହଟି ଆର୍ଥିକ ଅବସ୍ଥା ସୁଦୃଢ଼ ହେବ । ମାନସମ୍ମାନ ବୃଦ୍ଧିପାଇବ । ବଳିଷ୍ଠ ବ୍ୟକ୍ତିଙ୍କ ସହଯୋଗ ମିଳିବ । ବାଦବିବାଦ ବୃଦ୍ଧିପାଇବ । ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ । ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ସଫଳତା ଲାଭ କରିବେ ।

**ସିଂହ** ସପ୍ତାହଟି ଅବରୋଧ ହୋଇଥିବା କାର୍ଯ୍ୟରେ ଉନ୍ନତି ହେବ । ଇଚ୍ଛିତ କାର୍ଯ୍ୟରେ ସଫଳତା ଲାଭ କରିବେ ।  ଗୃହ, ଭୂମି କ୍ରୟର ସୁଯୋଗ ଆସିପାରେ । ବେକାରମାନଙ୍କୁ କର୍ମସଂସ୍ଥାନ ମିଳିବ । ପାରିବାରିକ ଅସନ୍ତୋଷ ବୃଦ୍ଧିପାଇବ ।

**କନ୍ୟା** ସପ୍ତାହଟି କର୍ମକ୍ଷେତ୍ରରେ ବାଧାବିଘ୍ନ ଦୂରହେବ । ଅର୍ଥଲାଭର ସୁଯୋଗ ଆସିବ । ନୂତନ ଦ୍ରବ୍ୟ ଲାଭ କରିପାରନ୍ତି । ମାନସିକ ଶାନ୍ତି ମିଳିବ । ମାନସମ୍ମାନ ବୃଦ୍ଧି ହେବ । ବନ୍ଧୁ ସହଯୋଗ ମିଳିବ । ମହିଳାମାନେ ସୁଖୀ ରହିବେ ।

**ତୁଳା** ସପ୍ତାହଟି ବ୍ୟବସାୟରେ ପ୍ରଚୁର ଲାଭ ହେବ । ନୂତନ କର୍ମସଂସ୍ଥାନ ପ୍ରାପ୍ତିର ଯୋଗ ରହିଛି । ପାରିବାରିକ ସୁଖ ବୃଦ୍ଧିପାଇବ । ଶତ୍ରୁମାନେ ପରାଜିତ ହେବେ ।  ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା କରିପାରନ୍ତି ।

**ବିଛା** ସପ୍ତାହଟି କଠିନ ପରିଶ୍ରମରେ ସଫଳତା ଲାଭ ହେବ । ବିଶିଷ୍ଟ କାର୍ଯ୍ୟରେ ଉନ୍ନତି ହୋଇପାରେ । ଶାରୀରିକ ସୁସ୍ଥତା ବୃଦ୍ଧିପାଇବ । ପାରିବାରିକ ସହଯୋଗ ମିଳିବ । ବ୍ୟବସାୟରେ ସାମାନ୍ୟ ଲାଭ ହୋଇପାରେ ।

**ଧନୁ** ସପ୍ତାହଟିରେ ପରିଶ୍ରମ ହେତୁ ସାଫଲ୍ୟତା । ବିଶିଷ୍ଟ କ୍ଷେତ୍ରରେ ଉନ୍ନତି ହୋଇପାରେ । ଶାରୀରିକ ସୁସ୍ଥତା ବୃଦ୍ଧିପାଇବ । ପାରିବାରିକ ସହଯୋଗ ପାଇବେ । ବେପାରରେ ଅଳ୍ପ ଲାଭ ହେବ ।

**ମକର** ସପ୍ତାହଟି କର୍ମକ୍ଷେତ୍ରରେ ଅଶାନ୍ତି ହେବ । ବ୍ୟବସାୟରେ ବାଧା, ବିଘ୍ନ ଆସିବ । ଅପବ୍ୟୟର ସୂଚନା ମିଳେ । ଶତ୍ରୁ ବୃଦ୍ଧି ହେବେ ।  ମାଲି ମକଦ୍ଦମାରେ ହଇରାଣ ହୋଇପାରନ୍ତି । ଛାତ୍ରଛାତ୍ରୀମାନଙ୍କର ଶିକ୍ଷାରେ ବାଧା ବିଘ୍ନ ସୃଷ୍ଟି ହେବ ।

**କୁମ୍ଭ** ସପ୍ତାହଟିରେ ବ୍ୟବସାୟରେ ଲାଭବାନ ହେବେ । ଧନ ସମ୍ପତ୍ତି ବୃଦ୍ଧିପାଇପାରେ । ମାନସମ୍ମାନ ବଢ଼ିବ । କର୍ମକ୍ଷେତ୍ରରେ ଉନ୍ନତି ହେବ ।  ବନ୍ଧୁ ସହଯୋଗ ମିଳିବ । ପାରିବାରିକ ଶାନ୍ତି ବୃଦ୍ଧିପାଇବ ।

**ମୀନ** ସପ୍ତାହଟି ଆକସ୍ମିକ ଅର୍ଥ ଲାଭ ହୋଇପାରେ । ଧନ୍ୟଧାନ୍ୟ ବୃଦ୍ଧିପାଇବ । ବନ୍ଧୁ ସହଯୋଗ ମିଳିବ । କର୍ମକ୍ଷେତ୍ରରେ ଉନ୍ନତି ଆସିବ । ମାନସମ୍ମାନ ବୃଦ୍ଧିପାଇପାରେ । ମହିଳାମାନେ ସୁଖୀ ରହିବେ ।

ସଂସ୍କୃତି ଓ ପର୍ଯ୍ୟଟନ

# ‘ପରଦେଶୀ ସିନାଗଗ୍’

କୋଚିନ ସହର ଉପକଣ୍ଠରେ ଏହି ପରଦେଶୀ ଜିଉସ୍ ସଂପ୍ରଦାୟ ଯେ କେବେ ଗଢ଼ି ଉଠିଥିଲା, ତାର କୌଣସି ବିଧିବଦ୍ଧ ଇତିହାସ ନାହିଁ। ବୋଧହୁଏ ପଞ୍ଚଦଶ ଶତାବ୍ଦୀର କଥା। ୧୪୯୨ ମସିହାରେ ସ୍ପେନ ଦେଶରୁ ବିତାଡିତ ହୋଇ ହୁଏତ କିଛି ସେଫାର୍ଡି ଜିଉସ୍ ପରିବାର ଆସି କୋଚିନ୍ ଠାରେ ପହଞ୍ଚିଥିଲେ। ସେ ସମୟରେ ବିଦେଶରୁ ଆସିଥିବାରୁ ସେମାନଙ୍କୁ ପରଦେଶୀ ଜିଉସ୍ କୁହାଯାଉଥିଲା। ଆରମ୍ଭରେ ସେମାନେ ସ୍ପାନିଶ ଭାଷାରେ କଥା ହେଉଥିଲେ, ମାତ୍ର ସମୟ ସାଙ୍ଗରେ ତାଙ୍କ ପୂର୍ବରୁ ସେଠାରେ ବସତି ସ୍ଥାପନ କରିଥିବା ମାଲାବାର ଜିଉସ୍‌ମାନଙ୍କ ଠାରୁ କେରଳୀ ଭାଷା ଶିଖି ତାଙ୍କର ରୀତିନୀତି ଓ ପରମ୍ପରା ସହ ଏକ ଓ ଅଭିନ୍ନ ହୋଇଯାଇଥିଲେ। କେତେକଙ୍କ ମତରେ ପର୍ତ୍ତୁଗୀଜ୍‌ମାନେ କୋଡାଙ୍ଗୁଲାର ଅଧିକାର କରିବା ସମୟରେ କିଛି ଜୀଉସ୍‌ମାନଙ୍କୁ ପରିସ୍ଥିତି ଚାପରେ ମଟନଚେରିକୁ ସ୍ଥାନାନ୍ତର କରାଯାଇଥିଲା । କୋଚିନ୍‌ର ମହାରାଜା ତାଙ୍କୁ ଦୁଇହାତ ପ୍ରସାରି ସ୍ୱାଗତ କରିଥଲେ।

ଏବେ ଯାହାଙ୍କ ବିଷୟରେ ମୁଁ ଉପସ୍ଥାପନା କରୁଛି,ସେ ହେଲେ ମଟନଚେରୀ ଇତିହାସ ଓ ପରଦେଶୀ ସିନାଗଗ୍ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଆଉ ଏକ ନାଆଁ , ’ସାରା ଜାକବ କୋହେନ୍’। ସେ ଥିଲେ କୋଚିନ୍ ର ଜିଉସ୍ ସମ୍ପ୍ରଦାୟର ସବୁଠାରୁ ବୟସ୍କା ମହିଳା।

ସେ ଜନ୍ମ ଗ୍ରହଣ କରିଥଲେ ୧୯୨୩ ମସିହାରେ ସେପ୍ଟେମ୍ବର ଚାରିରେ। ଆଉ ମୃତ୍ୟୁ ବେଳକୁ ତାଙ୍କୁ ହୋଇଥିଲା ୯୬ ବର୍ଷ । ୨୦୧୯ ର ଅଗଷ୍ଟ ମାସ ତିରିଶ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ମଟନ୍ ଚେରୀର ଇତିହାସ ତାଙ୍କ ପରିଚୟ ବିନା ଅସମ୍ପୂର୍ଣ୍ଣ କହିଲେ ଚଳେ। ସାରାଙ୍କ ମୃତ୍ୟୁ ପରେ ମଟନ୍ ଚେରୀର ଜିଉସ୍ ସଂପ୍ରଦାୟରୁ ଆଉ ମାତ୍ର ଦୁଇଜଣ ବଞ୍ଚିଛନ୍ତି। ତେବେ ଏହି ସଂଖ୍ୟା ଲଘୁ ସଂପ୍ରଦାୟର ହାତ ଗଣତି ଲୋକଙ୍କୁ ଚାହିଁ ଏହି ପରଦେଶୀ ସିନାଗଗ୍ ନିଜର ଭାଗ୍ୟ ନିରୁପଣ କରୁଛି କି ଆଉ !

କୋଚିନ୍ ସହରର ଉପକଣ୍ଠରେ ଗୋଟେ ସମୟରେ ହଜାର ହଜାର ଜିଉସ୍‌ଙ୍କ ମଧ୍ୟରୁ ଆଜି ତାଙ୍କ ସଂଖ୍ୟା ହାତଗଣତିରେ ପହଞ୍ଚି ଯାଇଛି। ସାରା ଜୀବନ କୋଚିନ୍ ମାଟିରେ କଟାଇ ଥିବା ସାରା ଜାକବ କୋହେନ୍ ସେ ଅଞ୍ଚଳର ଜଣେ ମହିୟସୀ ମହିଳା ଭାବରେ ପରିଗଣିତ ହେଉଥିଲେ। ଯେଉଁମାନେ ସେହି ଐତିହାସିକ ସିନାଗଗ୍ ଦେଖିବାକୁ ଆସନ୍ତି, ସେମାନେ ସାରାଙ୍କ ସାଙ୍ଗରେ ଦୁଇ ପଦ କଥା ନ ହେଲେ ତାଙ୍କର ସେ ଯାତ୍ରାଟି ଅସମ୍ପୂର୍ଣ୍ଣ ରହେ। ବିଦେଶୀ ହେଉ ବା ଦେଶୀ, ସବୁ ପର୍ଯ୍ୟଟକଙ୍କୁ ସେ ନିଜ ଧର୍ମର ରୀତିନୀତି ଓ ସଂସ୍କୃତି ବିଷୟରେ ସେ ଅବଗତ କରାଇଥାନ୍ତି। ତାଙ୍କ ଉପରେ ଅନେକ ବୃତ୍ତଚିତ୍ର ନିର୍ମିତ ହୋଇଛି। ବହୁ ସଂଖ୍ୟାରେ ସାମ୍ବାଦିକ ମାନେ ତାଙ୍କର ସାକ୍ଷାତକାର ନେବା ପାଇଁ କୋଚିନ୍ ପହଞ୍ଚିଛନ୍ତି ।

କୁହାଯାଏ ଦୁଇ ହଜାର ବର୍ଷ ତଳେ ରାଜା ସୋଲୋମନ୍‌ଙ୍କ ସମୟରେ କିଛି ଜିଉସ୍ ପରିବାର ଭାରତର ଉତ୍ତର ପଶ୍ଚିମ ପ୍ରାନ୍ତରରେ ଥିବା କେରଳ ପ୍ରଦେଶରେ ପାଦ ଥାପିଥିଲେ। ହୁଏତ ଉଦ୍ଦେଶ୍ୟ ଥିଲା ବ୍ୟବସାୟ। କିନ୍ତୁ କାଳକ୍ରମେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇ ପଚାଶ ହଜାର ପର୍ଯ୍ୟନ୍ତ ପହଞ୍ଚିଥିଲା । ଗଢ଼ି ଉଠିଥିଲା ସେହି ଅଞ୍ଚଳରେ ଆଠଟି ସିନାଗଗ୍ । ବ୍ରିଟିଶ୍ ସାମ୍ବାଦିକ ଫର୍ଣ୍ଣାଣ୍ଡେଜ୍‌ଙ୍କ ମତରେ ସେମାନେ ବହୁ ଜାଗା ଜମି ଅକ୍ତିଆର କରି ପ୍ରତିପତ୍ତି ବିସ୍ତାର କରି ତାଙ୍କର ବ୍ୟବସାୟର ଚରମ ସୋପାନରେ ପହଞ୍ଚି ପାରିଥିଲେ। ବ୍ୟାପକ ଭାବେ ଚାଷବାସ କରି ସେମାନେ ସେଠାକାର ମୂଳ ଅଧିବାସୀଙ୍କୁ ପ୍ରଗତିର ପଥ ଦେଖାଇଥିଲେ। କିନ୍ତୁ ଶହ ଶହ ବର୍ଷ ଧରି ଏର୍ଣ୍ଣାକୁଲମ୍‌ର କୃଷ୍ଣକାୟ ଜିଉସ୍‌ମାନଙ୍କ ସହ ମଟନଚେରୀର ଶ୍ୱେତକାୟ ଜିଉସ୍‌ମାନଙ୍କ ଭିତରେ ଲାଗି ରହିଥିଲା କନ୍ଦଳ। କିନ୍ତୁ ସମୟ ସାଙ୍ଗରେ ପୁଣି ଧୀରେ ଧୀରେ ସାବଲୀଳ ହୋଇ ଉଠିଥିଲା ସବୁ। ତାଙ୍କ ଭିତରେ ବାହା ବ୍ରତ ଯାନିଯାତ୍ରା ସବୁ ସମ୍ଭବ ହୋଇଥିଲା । ଏପରିକି କୃଷ୍ଣକାୟ ଜିଉସ୍‌ମାନଙ୍କୁ ପରଦେଶୀ ସିନାଗଗ୍‌ରେ ପ୍ରବେଶ କରିବାକୁ ଅନୁମତି ନ ଥିଲା ଦିନେ।



କିନ୍ତୁ ଆଜି ମାତ୍ର ପଚାଶ ଭିତରେ ରହିଛି ଜିଉସ୍‌ଙ୍କ ସଂଖ୍ୟା ଆଉ ଗୋଟିଏ ମାତ୍ର ସିନାଗଗ୍। ଏହି ପରଦେଶୀ ସିନାଗଗ୍ ହିଁ ଦିନେ ତାଙ୍କର ସ୍ଥାପତ୍ୟର କାହାଣୀ ର ନୀରବ ଦର୍ଶକ ଥିଲା ଆଉ ଆଜି ମଧ୍ୟ ଜିଉସ୍ ସମ୍ପ୍ରଦାୟର ଅସ୍ତଗାମୀ ସୂର୍ଯ୍ୟର ମୂକସାକ୍ଷୀ। କେବେ ଗୋଟେ ସମୟରେ ଏହି ଜିଉସ୍‌ମାନେ କୋଚିନ୍‌ର ରାଜାଙ୍କ ଅତି ପ୍ରିୟ ଲୋକ ହୋଇ ସମସ୍ତ ପ୍ରତିପତ୍ତି ଉପଭୋଗ କରିଥିଲେ ଓ ବିଭବଶାଳୀ ନାଗରିକ ଭାବେ ଦିନ ବିତାଇଥିଲେ । ଜିୟୁସ ସଂପ୍ରଦାୟର ସେଇ ମହୀମାମୟ ଅଧ୍ୟାୟ ବିଷୟରେ ବର୍ଣ୍ଣିତ ହୋଇଛି ବ୍ରିଟିଶ୍ ଲେଖିକା ଫର୍ନାଣ୍ଡେଜ୍ ଙ୍କ ବହି ‘ହୋଲି ୱାରିଅର୍ସ ’ରେ।

ଥାହା ଇବ୍ରାହିମ୍ ଆଜିବି ‘ସାବାତ୍’ର ମହତ୍ତ୍ୱ ସେତିକି ବଜାୟ ରଖିଛନ୍ତି ଯେମିତି ରଖିଛନ୍ତି ସେ ନିଜ ଶୁକ୍ରବାର ‘ନମାଜ’ର। ଯେଉଁଠି ଧର୍ମ ନାମରେ ଚାଲିଛି ତୁମୂଳ ହଟ୍ଟଗୋଳ, ସେଇଠି ଜଣେ ଜୀଉସ୍ ମହିଳାଙ୍କ ଯତ୍ନ ନେଇ ଆସିଛନ୍ତି ଦୀର୍ଘ ପଇଁତିରିଶ ବର୍ଷ ଧରି ଜଣେ ମୁସଲମାନ ବ୍ୟକ୍ତି ଓ ଜଣେ ଖ୍ରୀଷ୍ଟିଆନ ମହିଳା। ଧର୍ମ ନିରପେକ୍ଷତାର ଏକ ଅଭିନବ ଉଦାହରଣ ଥିଲେ ସାରା କୋହେନ୍। ଭଲ ପାଇବାର ଏକ ମୂର୍ତ୍ତିମନ୍ତ ପ୍ରତିଛବି। ଏକ ନିଚ୍ଛକ ମାନବୀୟ କୃତି ଯାହାଙ୍କୁ କୋଚିନ୍ ସହରର ଗଳିକନ୍ଦିରେ ଲୋକ ଚିହ୍ନନ୍ତି।

ନିଜର ହାତ ତିଆରି ଏମ୍ବ୍ରୋଇଡରୀ ଜିନିଷ ବିକୁଥିଲେ ସାରା ତାଙ୍କ ଏମ୍ବ୍ରୋଇଡରୀ ଦୋକାନରେ। ସବୁଠାରୁ ବେଶୀ ଖୁସି ହୁଅନ୍ତି ଯେତେବେଳେ ଗ୍ରାହକମାନେ ତାଙ୍କ ହାତ ତିଆରି ଜିଉସ୍ ଟୋପି ‘କିପାହ୍’ ପାଇଁ ଆଗ୍ରହ ପ୍ରକାଶ କରନ୍ତି । ସାରା କୋହେନ୍‌ଙ୍କ ଏମ୍ବ୍ରୋଇଡରୀ ଦୋକାନର ବହୁ ପ୍ରଶଂସକ ଥିଲେ ମଟନଚେରୀରେ। ଏହି ଭାବରେ ସେ ଜିଉସ୍ ପରମ୍ପରାକୁ ବଜାୟ ରଖି ପାରିଥିଲେ। ଆଜିବି ତାହା ଇବ୍ରାହିମ୍ ପ୍ରତି ଶୁକ୍ରବାର ସନ୍ଧ୍ୟାରେ ସାରା ଜାଳୁଥିବା ଆଲୋକ ବତୀଟିକୁ ସୋ କେଶ୍ ଭିତରୁ ବାହାର କରି ପରିଷ୍କାର କରି ଜାଳନ୍ତି ଓ ସାରାଙ୍କୁ ମନେ ପକାନ୍ତି । ୯୩ ବର୍ଷ ବୟସରେ ମୃତ୍ୟୁ ଲଭିଥିବା କେରଳର ଏର୍ଣ୍ଣାକୁଲମ୍ ଜିଲ୍ଲାର ଜିଉସ୍ ସଡ଼କରେ ଥିବା ସାରାଙ୍କ ପବିତ୍ର ଘରଟି ଆଜି ଏକ ସଂଗ୍ରହାଳୟରେ ପରିଣତ ହୋଇଛି। ସେଠାରେ ସଯତ୍ନେ ସଂଗୃହିତ ହୋଇ ରହିଛି ଦକ୍ଷିଣ ଭାରତୀୟ ଜିୟୁସ୍ ମାନଙ୍କର ଇତିହାସର କିଛିଟା ପ୍ରତିବିମ୍ବ। ଇବ୍ରାହିମ ତାହା, ଯିଏ ସାରାଙ୍କ ଦେଖାଶୁଣା କରି ଆସିଥିଲେ ଦୀର୍ଘ ପଇଁତିରିଶ ବର୍ଷ ଧରି, ଏହି ସଂଗ୍ରହାଳୟଟି, ତାଙ୍କର ମାନସିକ ପରିକଳ୍ପନା ଥିଲା। ଏହା ଭବିଷ୍ୟତ ବଂଶଧରଙ୍କ ପାଇଁ ଦକ୍ଷିଣ ଭାରତର ଜିୟୁସ ସମ୍ପ୍ରଦାୟର ଇତିହାସକୁ ସଂରକ୍ଷିତ କରି ରଖିବାର ଏକ ପ୍ରଚେଷ୍ଟା ବୋଲି ସେ ଉଲ୍ଲେଖ କରିଛନ୍ତି ।

୧୯୪୮ରେ ଇସ୍ରାଏଲ ସ୍ୱାଧୀନ ରାଷ୍ଟ୍ର ଘୋଷିତ ହେଲା ପରେ ଅନେକ ଜିଉସ୍ ନିଜ ଦେଶକୁ କିମ୍ବା ଅନ୍ୟ କୌଣସି ଇଉରୋପୀୟ ଦେଶକୁ ଫେରି ଯାଇଥିଲେ। କିନ୍ତୁ ସାରା କୋହେନ୍ କେବେ ତାହା ଚାହିଁଲେ ନାହିଁ। ସେ ନିଜକୁ ଜଣେ ଗର୍ବିତ ଭାରତୀୟ ନାଗରିକ କହି ନିଜ ଜନ୍ମଭୂମିରେ ହିଁ ଶେଷ ପର୍ଯ୍ୟନ୍ତ ଜୀବନ ଜିଇଁବାର ନିଷ୍ପତ୍ତି ନେଇଥିଲେ। ସ୍ୱାମୀ ଜାକବ କୋହେନ୍‌ଙ୍କ ମୃତ୍ୟୁ ପରେ ସେ ଆହୁରି କୋଡ଼ିଏ ବର୍ଷ ବଞ୍ଚିଥିଲେ। ସେ ଆଜନ୍ମ କୋଚିନ୍‌ର ସାମାଜିକ ଓ ସାଂସ୍କୃତିକ ପରମ୍ପରା ସାଙ୍ଗରେ ସଂଶ୍ଳିଷ୍ଟ ରହିଥିଲେ ଓ ତାକୁ ସମ୍ମାନ କରୁଥିଲେ। ସେ ଏଥିରୁ ଅନେକ କିଛି ଶିକ୍ଷା କରିଥିଲେ ଓ ଏହି ଶିକ୍ଷା ତାଙ୍କୁ ପରିପୁଷ୍ଟ କରିଥିଲା ବୋଲି ସେ ମତ ଦେଉଥିଲେ। ଦକ୍ଷିଣ ଭାରତରେ ଜିଉସ୍ ସମ୍ପ୍ରଦାୟର ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖି ପାରିଥିବାରୁ ସେ ଗର୍ବ ଅନୁଭବ କରୁଥିଲେ ।



**ରେବା ପଟ୍ଟନାୟକ**
**ସ୍ୱର୍ଣ୍ଣଲତା ଆପାର୍ଟମେଣ୍ଟ ,ଭୁବନେଶ୍ୱର**
**ମୋ:୯୮୬୧୦୧୭୫୫୧**

ମନୋରଞ୍ଜନ

# 'ଜାଟ୍-୨'ର ନୂଆ ନିର୍ଦ୍ଦେଶକ







ଗତ ବର୍ଷ ସନି ଦେଓଲଙ୍କ ଫିଲ୍ମ 'ଜାଟ୍' ସିନେମା ଘରଗୁଡ଼ିକରେ ରିଲିଜ ହୋଇଥିଲା। ଦର୍ଶକ ଓ ସମାଲୋଚକଙ୍କ ତରଫରୁ ଏହି ଆକ୍ସନ୍-ଥ୍ରୀଲର୍‌ଟିକୁ ମିଳିଥିଲା ପଜିଟିଭ ରେସ୍‌ପନ୍ସ। 'ପୁଷ୍ପା' ପରି ସଫଳ ଫିଲ୍ମକୁ ନିର୍ମାଣ କରିଥିବା ମୈତ୍ରୀ ମେକର୍ସ ପ୍ରଡକ୍ସନ୍ ହାଉସ୍ ଓ ନିର୍ଦ୍ଦେଶକ ଗୋପିଚାନ୍ଦ ମଲିନେନୀ ଏହାର ନିର୍ଦ୍ଦେଶନା ଭାର ଉଠାଇଥିଲେ। ତେବେ ଫିଲ୍ମ 'ଜାଟ୍'ର ସଫଳତା ପରେ ଏହାର ସିକ୍ୱେଲ୍‌ର ଆଧିକାରିକ ଘୋଷଣା କରାଯାଇଥିଲା ଯେଉଁଥିରେ ମୁଖ୍ୟ ଅଭିନେତା ଭାବରେ ବଡ଼ ପରଦାକୁ ଫେରିବେ ସନି ଦେଓଲ। ଏହାର ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ଦିଆଯାଇଥିଲା ଗୋପିଚାନ୍ଦଙ୍କୁ। କିନ୍ତୁ ବର୍ତ୍ତମାନର ଖବର ଅନୁସାରେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ଆଉ ଗୋପିଚାନ୍ଦଙ୍କ ହାତରେ ନାହିଁ। କାରଣ ସେ ଅନ୍ୟ ପ୍ରୋଜେକ୍ଟରେ ବ୍ୟସ୍ତ ଅଛନ୍ତି। ଏଥିପାଇଁ 'ଜାଟ୍-୨'ର ନିର୍ଦ୍ଦେଶକଙ୍କ ଦୌଡ଼ରେ ପ୍ରଥମ ନାମ ଶୁଣିବାକୁ ମିଳୁଛି ଦକ୍ଷିଣର ପ୍ରସିଦ୍ଧ ଫିଲ୍ମ ନିର୍ମାତା ବୋୟାପତି ଶ୍ରୀନୁଙ୍କ ନାମ। ଶ୍ରୀନୁ ତେଲୁଗୁ ସିନେମାରେ ଖୁବ୍ ନାମ ଅର୍ଜନ କରିଛନ୍ତି। ଯଦି ସେ 'ଜାଟ୍-୨'ର ନିର୍ଦ୍ଦେଶନା ଦାୟିତ୍ୱ ନେବେ ତେବେ ପ୍ରଥମ ଥର ସନି ଦେଓଲ ଓ ଶ୍ରୀନୁଙ୍କ ଯୋଡ଼ିକୁ ଗୋଟିଏ ପ୍ରୋଜେକ୍ଟରେ ଏକା ସହିତ କାମ କରିବାର ଦେଖିବାକୁ ମିଳିବ। ବୋୟାପତି ଶ୍ରୀନୁ ଏ ପର୍ଯ୍ୟନ୍ତ ଅନେକ ବ୍ଲକ୍‌ବଷ୍ଟର ମୁଭି ପ୍ରସ୍ତୁତ କରିସାରିଛନ୍ତି ଯେଉଁଥିରେ ଭେଟେରାନ ଅଭିନେତା ନନ୍ଦମୁରୀ ବାଲାକ୍ରିଷ୍ଣଙ୍କ କଲ୍ଟ ମୁଭି 'ଅଖଣ୍ଡା'ର ନାମ ସାମିଲ ଅଛି।

# ଅଜବ କେସ୍‌ରେ ରବି କିଷନ୍



୨୦୨୪ରେ ନେଟ୍‌ଫ୍ଲିକ୍ସରେ ରିଲିଜ ହୋଇଥିଲା କୋର୍ଟରୁମ୍ ଡ୍ରାମା ସିରିଜ 'ମାମଲା ଲିଗାଲ୍ ହେ' ଯେଉଁଟିକୁ ଖୁବ୍ ଭଲପାଇବା ଦେଇଥିଲେ ଦର୍ଶକମାନେ। ଏବେ ଏହାର ଦ୍ୱିତୀୟ ସିଜିନ ପୂରା ପ୍ରସ୍ତୁତ ହୋଇ ରହିଲାଣି ଯାହାର ଟ୍ରେଲର୍ ରିଲିଜ ହୋଇସାରିଛି। ଟ୍ରେଲର୍‌ର ଆରମ୍ଭ ହୋଇଛି ରବି କିଷନଙ୍କ ଚରିତ୍ର ବିଡି ତ୍ୟାଗୀରୁ ଯିଏ ଜଜ୍ ହେବା ପାଇଁ ଶପଥ ନେଉଛନ୍ତି। ବିଗତ ସିଜିନ ପରି ଏହି ସିଜିନଟି ଖୁବ୍ ମଜେଦାର ହେବାକୁ ଯାଉଛି। ବିଡି ତ୍ୟାଗୀଙ୍କ ଚାମ୍ବର୍‌ର ନାମ ଏବେ ବଦଳିଯିବ କିନ୍ତୁ ଏହାର ନାମ କ'ଣ ରଖାଯିବ ତାହା ଜଣାପଡ଼ିବ ସିରିଜ ଦେଖିବା ପରେ। ଏହା ସହିତ ସୁଜାତାଜୀ ଓ ମଣ୍ଟୁଙ୍କ ମଧ୍ୟରେ କେମିଷ୍ଟ୍ରି ଦେଖିବାକୁ ମିଳିବ। ତେବେ ସିରିଜରେ ଏକ ନୂଆ ଚରିତ୍ରର ଏଣ୍ଟ୍ରି ହୋଇଛି ଯାହା ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇପାରେ। ଏଥିରେ କମେଡିର ତଡ଼କା ଲଗେଇବେ ଭୋଜପୁରୀ କଳାକାର ଦିନେଶ ଲାଲ୍ ନିରହୁଆ। କୋର୍ଟକୁ କେସ୍ ନେଇ ଆସିବେ ନିରହୁଆ ଓ ସେଠାରେ ଜବରଦସ୍ତ କମେଡିର ତଡକା ଲଗେଇବେ। ତାଙ୍କ ବ୍ୟତୀତ କୁସା କପିଲ୍ ମଧ୍ୟ ନୂଆ ସିଜିନ୍‌ରେ ଏଣ୍ଟ୍ରି କରିବେ। ଏଥିରେ ନାୟଲା ଗ୍ରେୱାଲ୍ ଓରଫ ଓକିଲ ଆନନ୍ୟା ଶ୍ରଫ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବରେ ନଜର ଆସିବେ। ସିରିଜରେ ରହିଛି ଅନୁଭବ ସିହରଙ୍କ କ୍ୟାମିଓ ଭୂମିକା ଯେଉଁଥି ପାଇଁ ଦର୍ଶକମାନଙ୍କର ଉତ୍ସୁକତା ବୃଦ୍ଧି ପାଉଛି। ୩ ଏପ୍ରିଲ୍‌ରେ ରିଲିଜ ହେଉଥିବା ଏହି ସିରିଜଟିରେ ପୁଣି ଥରେ ଅଜବ ପ୍ରକାରର ମାମଲାର ସମାଧାନ ହେବ।

# ୟାମୀଙ୍କ କ୍ୟାମିଓ



ଯେତିକି ଯେତିକି ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର-୨'ର ରିଲିଜ ତାରିଖ ନିକଟତର ହେଉଛି ଫିଲ୍ମଟିକୁ ନେଇ ଦର୍ଶକ ମହଲରେ ଦେଖାଦେଉଛି ଜବରଦସ୍ତ ଉତ୍ସାହ। ସୋସିଆଲ୍ ମିଡିଆରେ ଦର୍ଶକମାନଙ୍କର ଥିଓରିଗୁଡ଼ିକ ମଧ୍ୟ ଚାଲିଛି। ଗତ ପାର୍ଟ ଶେଷ ହେବା ସହିତ ଏହି ପ୍ରଶ୍ନ ଆସିଥିଲା ଯେ ବଡ଼େ ସାହେବ ଭୂମିକାରେ କିଏ ନଜର ଆସିବେ। ଏହି ଭୂମିକା ପାଇଁ ଅଭିନେତା ଇମ୍ରାନ ହାସ୍‌ମୀଙ୍କ ନାମ ଶୁଣିବାକୁ ମିଳୁଥିଲା। କିନ୍ତୁ ଏବେ ସେ ବଡ଼େ ସାହେବ ଭାବରେ ନଜର ଆସିବେ ନାହିଁ ବୋଲି କୁହାଯାଉଛି। ଏହି ଚରିତ୍ର ପାଇଁ ସଲମାନ୍‌ଙ୍କ ନାମରେ ମଧ୍ୟ ଗୁଜବ ଉଠିଥିଲା। ତେବେ ଖବର ଅନୁସାରେ ଏ ଦୁଇ କଳାକାରଙ୍କ ମଧ୍ୟରୁ କେହି ହେଲେ ବି ବଡ଼େ ସାହେବ ଭୂମିକାରେ ଅଭିନୟ କରୁନାହାନ୍ତି। କିନ୍ତୁ କିଏ ଏହି ଚରିତ୍ରରେ ଅଭିନୟ କରିଛନ୍ତି ତାହା ପରେ ଜଣାପଡ଼ିବ। ଫିଲ୍ମର ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ପତ୍ନୀ ଓ ଅଭିନେତ୍ରୀ ୟାମୀ ଗୌତମଙ୍କର ଏଥିରେ ରହିଛି କ୍ୟାମିଓ ଭୂମିକା। କିନ୍ତୁ ରିପୋର୍ଟରେ କୁହାଯାଉଛି ଯେ ୟାମୀଙ୍କ ବ୍ୟତୀତ ନିର୍ମାତାମାନେ ଆଉ ଏକ ସ୍ପେଶାଲ୍ କ୍ୟାମିଓ ଫିଲ୍ମରେ ଦେଖେଇବେ। କିନ୍ତୁ ଏହି କ୍ୟାମିଓ କିଏ କରିବେ ତାହା ମଧ୍ୟ ଗୁପ୍ତ ରଖାଯାଇଛି। ତେବେ ରଣବୀର ସିଂହଙ୍କ ସହିତ ଏହି ଫିଲ୍ମରେ ପୁଣି ଥରେ ନଜର ଆସିବେ ସାରା ଅର୍ଜୁନ, ରାକେଶ ବେଦୀ, ଅର୍ଜୁନ ରାମପାଲ୍, ଆର୍ ମାଧବନ ଓ ସଞ୍ଜୟ ଦତ୍ତ। ଏହି ମାସ ୭ ତାରିଖରେ ଏହାର ଟ୍ରେଲର୍ ରିଲିଜ ହୋଇଥିଲା ଯେଉଁଥିରେ ଅକ୍ଷୟ ଖାନ୍ନାଙ୍କ ଏକ ଛୋଟ ଝଲକ ଦେଖିବାକୁ ମିଳିଥିଲା।

# 'ଓଡ଼ିଆ ନାରୀ ଅସ୍ମିତା ସମ୍ମାନ ୨୦୨୬'




ସମ୍ମାନିତ ହେଲେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ



ମହିଳା ଦିବସ ଅବସରରେ ଗତ ମାର୍ଚ୍ଚ ୯ ତାରିଖ ଦିନ ସନ୍ଧ୍ୟା ସମୟରେ ଭୁବନେଶ୍ୱରର ଜୟଦେବ ଭବନ ଠାରେ ୧୩ତମ 'ଓଡ଼ିଆ ଅସ୍ମିତା ସମ୍ମାନ ଉତ୍ସବ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଖ୍ୟାତ ସାହିତ୍ୟିକା ଡକ୍ଟର ଅର୍ଚ୍ଚନା ନାୟକ। ଏହି ଅବସରରେ ଜୀବନବ୍ୟାପୀ ସଂଗୀତ ସାଧନା ପାଇଁ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ପ୍ରଦାନ କରାଯାଇଥିଲା 'ଓଡ଼ିଆ ନାରୀ ଅସ୍ମିତା ସମ୍ମାନ'। ତାଙ୍କ ବ୍ୟତୀତ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଗାୟତ୍ରୀ ମିଶ୍ର, ସାମ୍ବାଦିକତା କ୍ଷେତ୍ରରେ କଳ୍ପନା କରନ, କ୍ରୀଡା କ୍ଷେତ୍ରରେ ଦୂତୀ ଚାନ୍ଦ, ସଂଗୀତ କ୍ଷେତ୍ରରେ ସଙ୍ଗୀତା ପଣ୍ଡା, ସାମାଜିକ ସେବା କ୍ଷେତ୍ରରେ ମାନସୀ ଶତପଥୀ, ଚଳଚ୍ଚିତ୍ର ଅଭିନୟ କ୍ଷେତ୍ରରେ ଅଞ୍ଜନା ଦାଶ, ଦୃଶ୍ୟକଳା କ୍ଷେତ୍ରରେ ଲିପିଶ୍ରୀ ନାୟକ, ପ୍ରସାଧନ ବିଜ୍ଞାନ କ୍ଷେତ୍ରରେ ପ୍ରୀତିପଦ୍ମା ପଣ୍ଡାଙ୍କୁ 'ଓଡ଼ିଆ ନାରୀ ଅସ୍ମିତା ସମ୍ମାନ ୨୦୨୬'ରେ ସମ୍ମାନିତ କରାଯାଇଥିଲା। ଏହା ପରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲିଙ୍କ୍ ଆଇ ହସ୍ପିଟାଲ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର, ସମାଜିକକର୍ମୀ ସସ୍ମିତା ଦାଶ, ଯାତ୍ରା ଜଗତର ବରିଷ୍ଠ ଅଭିନେତ୍ରୀ ଜୟନ୍ତୀ ନାୟକ, ସୁଗୃହିଣୀ ଅଞ୍ଜଳି ଲେଙ୍କା, ମିସ୍ ଓଡ଼ିଶା ରଚିତା ନାୟକ, ଯାତ୍ରା ଅଭିନେତ୍ରୀ ବନ୍ଦନା ଭଦ୍ର, ସାମାଜିକକର୍ମୀ ମମତା ମହାନ୍ତି, ଗୋ-ସେବିକା ସୁମିତ୍ରା ପଣ୍ଡା, ଯୁବକବି ଗୀତାଞ୍ଜଳି ପାତ୍ର ଓ ଅନ୍ୟମାନଙ୍କ ଭିତରେ ରଶ୍ମିତା ବଳ, କଲ୍ୟାଣୀ ନନ୍ଦ, ଶ୍ରଦ୍ଧାଞ୍ଜଳି ମିଶ୍ର, ପ୍ରଗତି ମିଶ୍ର, ପ୍ରମିଳା ସିଂ, ଶଶୀକଳା ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତେବେ ଏହି ଉତ୍ସବରେ ପରିବେଷିତ ହୋଇଥିଲା ଅନେକ ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ।

# ପ୍ରିୟଙ୍କା ମୋହନଙ୍କ ଓଟିଟି ଡେବ୍ୟୁ



ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ମୋହନଙ୍କ ପାଇଁ ଏ ବର୍ଷଟି ସଫଳତାର ବର୍ଷ ହେବାକୁ ଯାଉଛି। କାରଣ ଏ ବର୍ଷ ସେ ଓଟିଟି ଡେବ୍ୟୁ କରିଛନ୍ତି 'ମେଡ୍ ଇନ୍ କୋରିଆ' ଜରିଆରେ। ୧୨ ତାରିଖରୁ ଫିଲ୍ମଟି ଷ୍ଟ୍ରିମ୍ ହେଲାଣି। ଏକ ଘଣ୍ଟା ୫୨ ମିନିଟ୍‌ର ଏହି ଫିଲ୍ମଟିରେ ପ୍ରିୟଙ୍କା ମୋହନ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ତେବେ ଫିଲ୍ମଟିକୁ ଥିଏଟର୍ସରେ ରିଲିଜ କରିବା ପାଇଁ ନିର୍ମାତାମାନେ ପ୍ରଥମେ ସ୍ଥିର କରିଥିଲେ ମଧ୍ୟ ପରେ କୌଣସି କାରଣ ପାଇଁ ସେମାନେ ଓଟିଟିରେ ଏହାକୁ ରିଲିଜ କରେଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହାର ନିର୍ମାତା ହେଉଛନ୍ତି ଶ୍ରୀନିଧି ସାଗର ଓ ରାଇସ୍ ଇଷ୍ଟ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର ଅନ୍ତର୍ଗତ ଫିଲ୍ମଟି ପ୍ରସ୍ତୁତ ହୋଇଛି। ଆର୍ କାର୍ତ୍ତିକ ହେଉଛନ୍ତି ଏହାର ନିର୍ଦ୍ଦେଶକ ଓ ଲେଖକ ଯାହାଙ୍କର ନିର୍ଦ୍ଦେଶନା କ୍ଷେତ୍ରରେ ରହିଛି ଦୀର୍ଘ ଦିନର ଅଭିଜ୍ଞତା। ଏହା ସହିତ ଅଭିନେତା ନାଗାର୍ଜୁନଙ୍କ ୧୦୦ତମ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ନେଇଛନ୍ତି ଆର୍ କାର୍ତ୍ତିକ। ତେବେ 'ମେଡ୍ ଇନ୍ କୋରିଆ'ର କାଷ୍ଟ ଲିଷ୍ଟରେ ସାମିଲ ଅଛନ୍ତି ପାର୍କ ହାଇ ଜିନ୍, ଜାଙ୍ଗ ଜାଏ ହ୍ୟୁନ୍, କିମ୍ ସୋ ରୀ ଓ ରିଷିକାନ୍ତଙ୍କ ପରି କଳାକାରମାନେ। ଫିଲ୍ମର ଗୀତ କମ୍ପୋଜ କରିଛନ୍ତି ହେଶମ ଅବଦୁଲ୍ ବହାବ। ତେବେ ପ୍ରିୟଙ୍କା ମୋହନଙ୍କ କ୍ୟାରିୟର୍ ବିଷୟରେ କହିବାକୁ ଗଲେ ୨୦୧୯ରେ କନ୍ନଡ଼ ଫିଲ୍ମ 'ଓନ୍ଦ କାଥେ ହେଲା'ରୁ ସେ ତାଙ୍କର ଫିଲ୍ମି କ୍ୟାରିୟର୍ ଆରମ୍ଭ କରିଥିଲେ ଓ ନିଜର ଅଭିନୟ ପ୍ରତିଭା ଦ୍ୱାରା ଦକ୍ଷିଣ ଭାରତୀୟ ଫିଲ୍ମି ଉଦ୍ୟୋଗରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି। ବର୍ତ୍ତମାନ ତାଙ୍କ ଅଭିନୀତ ଫିଲ୍ମ 'ମେଡ୍ ଇନ୍ କୋରିଆ'କୁ ଦର୍ଶକମାନଙ୍କର କେଉଁଭଳି ପ୍ରତିକ୍ରିୟା ମିଳୁଛି ତାହା ସମୟ କହିବ।



# ବିଫଳତା ନୁହେଁ ଆତ୍ମସମୀକ୍ଷା

କୁହାଯାଏ ବିଫଳତା ହିଁ ସଫଳତାର ଚାବିକାଠି। ଯେଉଁମାନେ ଜୀବନରେ କେବେ ବିଫଳତାର ସ୍ୱାଦ ଚାଖିନାହାନ୍ତି, ସେମାନେ କେବେ ବି ସଫଳ ହୋଇନାହାନ୍ତି। ଏଣୁ ବିଫଳତା ମଣିଷକୁ ଅନେକ କିଛି ଶିଖିବାକୁ ଦେଇଥାଏ। ଅନେକ ସମୟରେ ବିଫଳ ହୋଇଥିବା ଲୋକମାନେ ଭାଙ୍ଗି ପଡ଼ିଥାନ୍ତି। ଦ୍ୱିତୀୟଥର ପାଇଁ କୌଣସି ପଦକ୍ଷେପ ନେବାକୁ ପସନ୍ଦ କରି ନଥାନ୍ତି। ଜୀବନର ବଡ଼ ଦୁର୍ଘଟଣା ଭାବରେ ବିବେଚନା କରି ସବୁଦିନ ପାଇଁ ଚାପରେ ରୁହନ୍ତି। ଫଳରେ ରୋଜଗାର ଶୂନ୍ୟ ହୋଇଯିବା କାରଣରୁ ଜୀବନ ବି ଅସାର ହୋଇଯାଏ। ଏହିଭଳି ଦୁର୍ବଳ ମାନସିକତାରୁ ବର୍ତ୍ତି ଯଦି ଆଗକୁ ବଡ଼ ହେବାକୁ ଯୋଜନା ନକରନ୍ତି, ଜୀବନସାରା ବି ସଫଳତା ମିଳିବାର କୌଣସି ପ୍ରଶ୍ନ ଉଠୁନାହିଁ। ସଫଳତାକୁ ଯେଭଳି ଭାବରେ ମନଖୁସିରେ ଗ୍ରହଣ କରୁଛନ୍ତି। ବିଫଳତାକୁ ବି ସେମିତି ଗ୍ରହଣ କରିବାର ଆବଶ୍ୟକତା ରହିଛି। ବିଫଳତା ପାଇଥିବା ବ୍ୟକ୍ତି ଜାଣିପାରେ ସଫଳତା ପାଇଁ କଣ ତା’ ନିକଟରେ ଅଭାବ ରହିଛି। ଏହାଦ୍ୱାରା ଆତ୍ମସମୀକ୍ଷା କରିବାକୁ ମଧ୍ୟ ଏକ ସୁଯୋଗ ମିଳିଥାଏ। ଯେଉଁ କାମ ଅନ୍ୟମାନଙ୍କ ଦ୍ୱାରା ଭଲ ଭାବରେ ହେଉଛି, ତା’ଦ୍ୱାରା କାହିଁକି ସମ୍ଭବ ହୋଇପାରିବ ନାହିଁ ? ଏଣୁ ବିଫଳତାକୁ ଜୀବନର ମାନଦଣ୍ଡ ନଭାବି ବରଂ ସଫଳତା ପାଇଁ ଚେଷ୍ଟା କରିବା ଉଚିତ।



# କନଫ୍ୟୁଜ୍ ହେଲେ ବରବାଦ !

କ୍ୟାରିୟର ଗଠନ କରିବା ଏକ ସହଜ କଥା ନୁହେଁ । ଅନେକ ସମୟରେ ପିଲାମାନେ କ୍ୟାରିୟର ଗଠନ କରିବା ବଦଳରେ କନଫ୍ୟୁଜ୍ ହୋଇଯାଇଥାନ୍ତି, ଫଳରେ ସେମାନେ ଠିକ୍ ଭାବରେ ନିଜର ଅଧ୍ୟୟନ ଜାରି ରଖିପାରନ୍ତି ନାହିଁ। ଯଦି କ୍ୟାରିୟରରେ କେଉଁଠି ବ୍ରେକ୍ ହୋଇଯାଏ, ସେମାନେ କିଛି ନବୁଝିସୁଝି ଅନ୍ୟ ବିଭାଗରେ ଆଡମିଶନ କରି ପାଠ ପଢ଼ିଥାନ୍ତି କିମ୍ବା ଏକାଡେମିକ୍ ଏଜୁକେଶନ୍ ପରେ କେଉଁ ପ୍ରଫେସନାଲ ଏଜୁକେଶନ୍ ଗ୍ରହଣ କରିବେ, ସେବାବଦରେ ସଠିକ ଭାବରେ ଚିନ୍ତା କରିପାରନ୍ତି ନାହିଁ।







ଫଳରେ ସେମାନେ ଭୁଲ୍ ନିଷ୍ପତ୍ତି ନେଇ ପରେ ଚାକିରି ଖୋଜିବାବେଳେ ପ୍ରସ୍ତେଇ ଥାନ୍ତି। ଏଣୁ କ୍ୟାରିୟର ଗଠନ କରିବା ପାଇଁ ନିଜେ ନିଷ୍ପତ୍ତି ନେଇ ନପାରିଲେ, ଅନ୍ୟ କାହାର ସାହାଯ୍ୟ ନିଅନ୍ତୁ କିମ୍ବା କ୍ୟାରିୟର କାଉଁସେଲିଂ କରୁଥିବା ବ୍ୟକ୍ତିଙ୍କର ସହାୟତା ନିଅନ୍ତୁ। ସରକାରୀ ଚାକିରି ଏତେ ପରିମାଣରେ ଉପଲବ୍ଧ ହେଉନଥିବା କାରଣରୁ ଅନେକ ପିଲା ପ୍ରାଇଭେଟ୍ ଚାକିରି ପାଇଁ ପ୍ରସ୍ତୁତ ହୋଇଥାନ୍ତି। ଏଣୁ ପ୍ରାଇଭେଟ୍ ସେକ୍ଟରରେ କିଭଳି ଭଲ ଚାକିରିଟିଏ ମିଳିପାରିବ, ସେଥିପାଇଁ କ୍ୟାରୟର ଗଠନ ସେଭଳି କରିବା ଦରକାର। ନିଜେ କନଫ୍ୟୁଜ୍ ହୋଇଗଲେ, କ୍ୟାରିୟର ବରବାଦ ହୋଇଯିବ।

# ର୍ୟାଗିଂ



ଓଡ଼ିଶାର ଶିକ୍ଷାନୁଷ୍ଠାନରେ ବ୍ୟାପକ ଭାବେ ର୍ୟାଗିଂ ଚାଲିଛି। ଏହାର ବଡ଼ ଉଦାହରଣ ହେଉଛି ଭୁବନେଶ୍ୱର ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜନୈକା ଅନ୍ତେଃବାସୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା। ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆଣ୍ଟି ର୍ୟାଗିଂ ସ୍କ୍ୱାର୍ଡ଼ ଥିବା ସତ୍ତ୍ୱେ ର୍ୟାଗିଂ ବଢ଼ି ଚାଲିଛି। ଗତ ୨୦୨୦-୨୧ ଓ ୨୦୨୧-୨୨ରେ କେବଳ ଓଡ଼ିଶାର ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରେ ୬୦ଟି ର୍ୟାଗିଂ ଘଟିଛି। ଉତ୍ତର ପ୍ରଦେଶରେ ୧୪୧, ବିହାରରେ ୬୮ ଓ ଓଡ଼ିଶାରେ ୬୦ଟି ଘଟିଥିବାବେଳେ ମଧ୍ୟପ୍ରଦେଶରେ ୫୦ଟି ଘଟିଛି। ୨୦୦୯ରୁ ର୍ୟାଗିଂ ନିୟନ୍ତ୍ରଣ ପାଇଁ ୟୁଜିସି ରେଗୁଲେସନ ଥିବା ସତ୍ତ୍ୱେ ଓଡ଼ିଶା ଦେଶର ର୍ୟାଗିଂ ଟପ୍ ପାଞ୍ଚର ଶୀର୍ଷକରେ ପହଞ୍ଚିଛି। ୨୦୦୯ରୁ ୨୦୨୨ ଭିତରେ ୬୦୨ଟି ର୍ୟାଗିଂ ଘଟଣା ମାମଲା ଦାୟର ହୋଇଛି। ଏହା ବ୍ୟତୀତ କ୍ୟାମ୍ପସରେ ନିର୍ଯାତନା ଓ ସେକ୍ସୁଆଲ ହାରାସମେଣ୍ଟ ଅଭିଯୋଗ ମଧ୍ୟ ରହୁଥିବା ସତ୍ତ୍ୱେ ଅନେକ ସମୟରେ ଅଭିଯୋଗ ବିଧିବଦ୍ଧ ଭାବେ ଦାୟର ହୋଇପାରୁନାହିଁ।

ର୍ୟାଗିଂ ପାଇଁ ଅସମୟରେ ଚାଲିଗଲା ଆଉ ଏକ ଅମୂଲ୍ୟ ଜୀବନ। ଅନ୍ୟକୁ କଷ୍ଟ ଦେଇ ଖୁସି ଅନୁଭବ କରିବାର କୁତ୍ସିତ ମାନସିକତା ତଥା ର୍ୟାଗିଂ ଆଉ ଜଣେ ଅଭିଭାବକଙ୍କ କୋଳଶୂନ୍ୟ କରିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ର୍ୟାଗିଂ ରୋକିବାକୁ ୟୁଜିସି, ଏଆଇସିଟିଇ ଓ ଏନ୍‌ଏମ୍‌ସି ଭଳି ଜାତୀୟ ସ୍ତରର ପ୍ରତିଷ୍ଠାନ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏ ନେଇ ବାରମ୍ବାର ନିର୍ଦ୍ଦେଶନାମା ଓ ମାର୍ଗଦର୍ଶିକା ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଜାରି ହୋଇଛି। ଶିକ୍ଷାନୁଷ୍ଠାନରେ ର୍ୟାଗିଂ କିପରି ରୋକାଯିବ, ଆଣ୍ଟି ର୍ୟାଗିଂ ସେଲ୍ କିପରି ଗଠନ ହେବ, କେଉଁ କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯିବ ଏ ନେଇ ୟୁଜିସି ପକ୍ଷରୁ ବିଭିନ୍ନ ସମୟରେ ମାର୍ଗଦର୍ଶିକା ପ୍ରକାଶ ପାଇଛି। ନିକଟରେ ମଧ୍ୟ ୟୁଜିସି ସମସ୍ତ ରାଜ୍ୟର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ର୍ୟାଗିଂ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟକୁ ର୍ୟାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ ଭାବେ ଗଠନ ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। ହେଲେ ପରିତାପର ବିଷୟ ହେଉଛି ରାଜ୍ୟରେ ର୍ୟାଗିଂ ରୋକାଯିବା ପରିବର୍ତ୍ତେ ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି। ଏଥି ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ମଧ୍ୟ ଯାଉଛି। ଏପରି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଶିକ୍ଷାନୁଷ୍ଠାନ ଗୁଡ଼ିକ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ଜନୈକ ପୂର୍ବତନ ୱାର୍ଡ଼େନଙ୍କ କହିବା ଅନୁଯାୟୀ ର୍ୟାଗିଂ ସେଲଗୁଡ଼ିକ ସ୍ୱାଏ (ଗୁଇନ୍ଦା) ଭଳି କାର୍ଯ୍ୟ କରିବା ଦରକାର। ହଷ୍ଟେଲ ଓ କ୍ୟାମ୍ପସ ପରିସରରେ ସିନିୟର ଓ ଜୁନିୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ କିପରି ରହୁଛି ତାହା ତଦାରଖ କରିବା ଦରକାର। ଖାଲି ସେଲ ଗଠନ କରିଦେଲେ ର୍ୟାଗିଂକୁ ରୋକିବା ସମ୍ଭବ ହେବନି। ଏଥି ପାଇଁ ନବାଗତ ଓ ବରିଷ୍ଠ ଛାତ୍ରଛାତ୍ରୀଙ୍କ ସହିତ ନିୟମିତ କାଉନସେଲିଂ କରାଯିବା ଦରକାର। ଛୋଟ ଛୋଟ ଅଭିଯୋଗ ହେଲେ ମଧ୍ୟ ତାକୁ ଅଣଦେଖା ନକରି ର୍ୟାଗିଂ କରୁଥିବା ପିଲାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।



ଭାରତୀୟ ପିଙ୍ଗଳ କୋର୍ଡ଼ର ଧାରା ୨୯୪, ୩୨୩, ୩୨୪, ୩୨୫, ୩୨୬, ୩୩୯, ୩୪୦, ୩୪୧, ୩୪୨ ଓ ୫୦୬ରେ ଛାତ୍ରଛାତ୍ରୀ ର୍ୟାଗିଂ ବିରୋଧରେ ଅଭିଯୋଗ କରିପାରିବେ। ଏଥିସହିତ ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ ଏଜୁକେସନ୍ ଓ ମେଡ଼ିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ମଧ୍ୟ ର୍ୟାଗିଂ ରୋକିବାକୁ ନିଜର ସ୍ୱତନ୍ତ୍ର ନୀତି କରିଛନ୍ତି। ବିଭିନ୍ନ ରାଜ୍ୟ ମଧ୍ୟ ର୍ୟାଗିଂ ରୋକିବାକୁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଚଣ୍ଡୀଗଡ଼, ତ୍ରିପୁରା, ତାମିଲନାଡୁ, ଆସାମ, କେରଳ, ପଶ୍ଚିମବଙ୍ଗ, ଗୋଆ ଓ ଜାମ୍ମୁ-କାଶ୍ମୀର ଅନ୍ୟତମ। ଅନ୍ୟ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ର୍ୟାଗିଂ ବିରୋଧରେ ପଦକ୍ଷେପ ନେଉଛନ୍ତି। ବାର୍ଷିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଟିଏ ଅନେକ ସ୍ୱପ୍ନ ନେଇ ଉପର ଶ୍ରେଣୀରେ ନାମ ଲେଖାଇଥାଏ। ମାତ୍ର ର୍ୟାଗିଂ ସେହି ମେଧାବୀ ଛାତ୍ର ବା ଛାତ୍ରୀଟିର ସ୍ୱପ୍ନକୁ ଧୂଳିସାତ୍ କରିଦେଉଛି। ର୍ୟାଗିଂ କବଳରେ ପଡ଼ି ଅନେକ ନିରୀହ ଛାତ୍ରଛାତ୍ରୀଙ୍କ ଜୀବନ ଯାଉଛି। ବଜାରୀକରଣ ଫଳରେ ବିଶ୍ୱ ବର୍ତ୍ତମାନ ଏକ ଗ୍ରାମରେ ପରିଣତ ହୋଇଛି। ଇଣ୍ଟରନେଟ୍ ବିଶ୍ୱକୁ ଗୋଟିଏ ସୂତାରେ ବାନ୍ଧି ରଖିଛି। ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ବ୍ୟବସ୍ଥାର ଏପରି ଦ୍ରୁତ ବିକାଶ ଫଳରେ ବିଶ୍ୱର ଗୋଟିଏ କୋଣରେ ଘଟୁଥିବା ଯେ କୌଣସି ଘଟଣା ତତ୍‌କ୍ଷଣାତ ଅନ୍ୟ କୋଣରେ ପହଞ୍ଚିଯାଉଛି। ଯଦି ଆମେରିକାରେ କୌଣସି ବିଶେଷ ଘଟଣା ଘଟିଲା, ମାତ୍ର ପାଞ୍ଚ ମିନିଟ୍ ମଧ୍ୟରେ ସମଗ୍ର ବିଶ୍ୱବାସୀ ସେ ସମ୍ପର୍କରେ ଅବଗତ ହୋଇପାରୁଛନ୍ତି। ତେଣୁ ର୍ୟାଗିଂ ସମ୍ପର୍କରେ ନୂଆ ନୂଆ କୌଶଳ ଆପଣେଇ ଛାତ୍ରଛାତ୍ରୀ ନିଜ ସହପାଠୀ ବା କନିଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଜୀବନ ନେଉଛନ୍ତି। ଏହି ଦୁଃଖଦ ଘଟଣା ଆମକୁ ଗୋଟିଏ କଥା ଶିକ୍ଷା ଦେଉଛି ଯେ, ର୍ୟାଗିଂ ସାମୟିକ ବିକୃତିର ଫଳ। ଲାଜକୁଳା ସ୍ୱଭାବର ପିଲାମାନଙ୍କୁ ଆଧୁନିକତାର ପାଠ ପଢ଼ାଇବାକୁ ଯାଇ ଉପର ଶ୍ରେଣୀର ଛାତ୍ରଛାତ୍ରୀମାନେ ର୍ୟାଗିଂ ନାମରେ ଯେଉଁ ଅମାନବୀୟ, ଅଶ୍ଳୀଳ ଓ ଶରୀର ପ୍ରତି କ୍ଷତିକାରକ କାର୍ଯ୍ୟ କରିଥାନ୍ତି, ତାହା କେବଳ ଶିକ୍ଷାନୁଷ୍ଠାନର ପବିତ୍ରତାକୁ ନଷ୍ଟ କରେ ନାହିଁ, ବରଂ ଛାତ୍ରଛାତ୍ରୀଙ୍କୁ ଅନେକ କ୍ଷେତ୍ରରେ ଜୀବନ ଦେବାକୁ ପଡ଼ିଥାଏ। ର୍ୟାଗିଂ କବଳରୁ ବର୍ତ୍ତି ଯାଇଥିବା ଅନେକ ଛାତ୍ରଛାତ୍ରୀ ସାରା ଜୀବନ ମାନସିକ କ୍ଷତିର ଶିକାର ହୋଇ ବଞ୍ଚିଥାନ୍ତି। ଅନେକ କ୍ଷେତ୍ରରେ ର୍ୟାଗିଂ ପାଇଁ ଛାତ୍ରଛାତ୍ରୀ ପାଠ ପଢ଼ା ଛାଡ଼ିଥିବା ଘଟଣା ଦେଖାଯାଇଛି।

ସେହିପରି କିଛି ଛାତ୍ର ସଂଗଠନର କହିବାନୁଯାୟୀ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଗୋଟିଏ ବିଲ୍ଡିଂ କିମ୍ବା ହତାରେ ହେବା ଉଚିତ ନୁହେଁ, ବରିଷ୍ଠ ମାନଙ୍କୁ କନିଷ୍ଠ ଛାତ୍ରଛାତ୍ରୀଙ୍କ ହଷ୍ଟେଲରେ କଟକଣା ଲଗାଯିବା ଦରକାର। ତେବେ ଆଣ୍ଟି ର୍ୟାଗିଂ ସେଲ ସଠିକ ଭାବେ କାର୍ଯ୍ୟ କରିବା ଓ ପିଲାଙ୍କୁ କାଉନସେଲିଂ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସୂଚନାଯୋଗ୍ୟ ୨୦୦୮ ମସିହାରେ ର୍ୟାଗିଂ ସମ୍ପର୍କିତ ମାମଲାରେ ଓଡ଼ିଶା ଦେଶର ଚତୁର୍ଥ ସର୍ବାଧିକ ରାଜ୍ୟ ଭାବେ ସ୍ଥାନ ପାଇଥିଲା। ୨୦୧୩ରୁ ୨୦୧୭ ମସିହା ଯାଏଁ ରାଜ୍ୟରେ ୨୦୭ଟି ର୍ୟାଗିଂ ମାମଲା ଦାୟର ହୋଇଥିଲା। ଆଜି ସମଗ୍ର ଭାରତରେ ତୃତୀୟ ସ୍ଥାନରେ ରହି ବିଗତ ଦୁଇ ବର୍ଷରେ ୬୦ଟି ଘଟଣା ଘଟିଛି। ତେଣୁ ୨୦୧୮ରେ ଓଡ଼ିଶାରେ ର୍ୟାଗିଂ ରୋକିବାକୁ ଶିକ୍ଷା ବିଭାଗ ବିଶେଷ ଗୁରୁତ୍ୱ ଦେଇଥିଲା। ଆଣ୍ଟି ର୍ୟାଗିଂ ସେଲଗୁଡ଼ିକର ସୁଦୃଢ଼ିକରଣ ଓ ର୍ୟାଗିଂ ସହ ସଂଶ୍ଳିଷ୍ଟ ଛାତ୍ରଛାତ୍ରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ବ୍ୟବସ୍ଥାରେ ଢ଼ିଲା ଯୋଗୁଁ ପୁଣି ର୍ୟାଗିଂ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଆଣ୍ଟି ର୍ୟାଗିଂ ସେଲ ବାବଦରେ ଛାତ୍ରଛାତ୍ରୀ ଅବଗତ ନଥିବାବେଳେ ଏହା କେବଳ ପୋଷ୍ଟରରେ ସୀମିତ ରହିଥିବା ପିଲାମାନେ ଅଭିଯୋଗ କରିଛନ୍ତି। ତେବେ ଏ ଦିଗରେ ସଚେତନତା ସୃଷ୍ଟି ସହ ର୍ୟାଗିଂରେ ସଂଶ୍ଳିଷ୍ଟ ରହୁଥିବା ପିଲାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଗଲେ ଶିକ୍ଷାନୁଷ୍ଠାନ କ୍ୟାମ୍ପସରୁ ର୍ୟାଗିଂ ରୋକାଯାଇ ପାରନ୍ତା। ଛାତ୍ର ଜୀବନର ପବିତ୍ରତାକୁ ଗୁରୁତ୍ୱ ଦେଇ ନିଜର ସ୍ୱପ୍ନ. ଆଶା, ଅଭିଳାଷକୁ ପୂରଣ କରିବା ସହିତ ବାପାମାଆଙ୍କ ଆଶା, ଆକାଂକ୍ଷାକୁ ସଫଳ କରି ନିଜର ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ଛାତ୍ରଛାତ୍ରୀମାନେ ନିଜ ଜୀବନର ବ୍ରତ କରନ୍ତୁ।



■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର


# ଥାଇରଏଡ୍ ସମସ୍ୟା

**ଶରୀରର ବାୟୁନଳୀର ଉଭୟ ପାର୍ଶ୍ୱରେ ଥାଇରଏଡ୍ ଗ୍ରନ୍ଥି ଦୁଇଭାଗରେ ବିଭକ୍ତ ହୋଇଥାଏ। ଥାଇରକ୍ସିନ୍ ହର୍‌ମୋନ ସହାୟତାରେ ଏହା କାର୍ଯ୍ୟ କରେ। ଯଦି ଏହି ଗ୍ରନ୍ଥିରୁ କମ୍ ହରମୋନ୍ ନିର୍ଗତ ହୁଏ ତେବେ ହାଇପୋଥାଇରଏଡ୍‌ଜିମ୍ ମିକ୍ସୋଡୋମା ନାମକ ରୋଗ ହୋଇଥାଏ।**



ଆମ ବେକରେ ଥିବା ବଡ଼ ଗ୍ରନ୍ଥିଟି ହେଉଛି ଥାଇରଏଡ୍। ଏହି ଗ୍ରନ୍ଥିଟି ଥାଇରଏଡ୍ ହର୍‌ମୋନ ନିର୍ମାଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଶରୀରର ବିକାଶ, ପାଚନ ପ୍ରକ୍ରିୟା ଓ ପରିବର୍ତ୍ତନ ଭୂମିକାକୁ ସଞ୍ଚାଳନ କରିବାରେ ଥାଇରଏଡ୍ ଗ୍ରନ୍ଥିର ବଡ଼ ଭୂମିକା ରହିଛି। ଶରୀରର ବାୟୁନଳୀର ଉଭୟ ପାର୍ଶ୍ୱରେ ଥାଇରଏଡ୍ ଗ୍ରନ୍ଥି ଦୁଇଭାଗରେ ବିଭକ୍ତ ହୋଇ ରହିଥାଏ। ଥାଇରକ୍ସିନ୍ ହର୍‌ମୋନ ସହାୟତାରେ ଶରୀରରେ ଏହା କାର୍ଯ୍ୟ କରିଥାଏ। ଏହି ଗ୍ରନ୍ଥିରୁ କମ୍ ମାତ୍ରାରେ ହର୍‌ମୋନ ନିର୍ଗତ ହେଲେ ହାଇପୋଥାଇରଏଡ୍ ଜିମ୍ ମିକ୍ସୋଡୋମା ନାମକ ରୋଗ ହୋଇଥାଏ। ଏହା ହେଲେ ମହିଳାଙ୍କର ପାଚନ ପ୍ରକ୍ରିୟା ସ୍ୱାଭାବିକ ଭାବରେ କମ୍ ହୋଇଯାଏ। ଏହା ସହିତ ନାଡ଼ିର ସ୍ପନ୍ଦନ ଧିମା ହେବା ସହ ଓଜନ ମଧ୍ୟ କମି ଆସିଥାଏ। ସ୍ୱାସ୍ଥ୍ୟ ବିଜ୍ଞାନ ଅନୁଯାୟୀ ଥାଇରଏଡ୍ ଗ୍ରନ୍ଥିରୁ ସନ୍ତୁଳିତ ମାତ୍ରାରେ ହର୍‌ମୋନ ବୃଦ୍ଧିଠାରୁ ଆରମ୍ଭ କରି ମହିଳାମାନଙ୍କର ମାସିକ ସ୍ରାବ, ଯୌନଜୀବନ ଆଦି ଶରୀରର ସମସ୍ତ ଅଙ୍ଗ ପାଇଁ ଏହାର ଆବଶ୍ୟକତା ରହିଥାଏ।

ସମ୍ପ୍ରତି ପାଖାପାଖି ୮% ଲୋକ ଥାଇରଏଡ୍‌ର ଶିକାର ହେଉଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତି ଦଶ ଜଣ ରୋଗୀଙ୍କ ମଧ୍ୟରୁ ପାଖାପାଖି ସାତ ଜଣ କେବଳ ମହିଳା। ମହିଳାମାନଙ୍କୁ ଏହି ସମସ୍ୟା ସାରା ଜୀବନ ଭାରାକ୍ରାନ୍ତ କରିଥାଏ। ଜନ୍ମ ହୋଇଥିବା କନ୍ୟା ସନ୍ତାନଠାରୁ ପରିଣତ ବୟସର ମହିଳାମାନଙ୍କୁ ମଧ୍ୟ ଏହି ସମସ୍ୟା ଆକ୍ରାନ୍ତ କରିଥାଏ। ବୟସ ହେଲେ ଯେତେବେଳେ ମହିଳାଙ୍କର ଋତୁସ୍ରାବ ବନ୍ଦ ହୋଇଥାଏ ଥାଇରଏଡ୍ ସମସ୍ୟା ଅଧିକ ହୋଇଥାଏ। ଯଦିଓ ଏହା ବିପଦ ସୃଷ୍ଟି କରିନଥାଏ ତେବେ ଏହାକୁ ଭେଷଜ ବିଜ୍ଞାନ ଭାଷାରେ ସବକ୍ଲିନିକାଲ୍ ହାଇପୋଥାଇଏରଡ଼ ଜିମ୍ କୁହାଯାଏ। ଚାଳିଶରୁ ପଚାଶ ବୟସ ମଧ୍ୟରେ ମହିଳାମାନଙ୍କର ହରମୋନ୍‌ରେ ପରିବର୍ତ୍ତନ ହେବା କାରଣରୁ ଏହି ସମସ୍ୟା ବୃଦ୍ଧି ପାଇଥାଏ। କଥା ହେଉଛି ଥାଇରଏଡ୍ କାହିଁକି ସୃଷ୍ଟି ହୋଇଥାଏ ? ଶରୀରରେ ଆୟୋଡିନ୍‌ର ମାତ୍ରା କମିଗଲେ ଏବଂ ମହିଳାଙ୍କର ଅଟୋଇମ୍ୟୁନ ଥାଇରଏଡ୍ ସମସ୍ୟା ଦେଖାଦେଲେ ଏହି ସମସ୍ୟା ସୃଷ୍ଟି ହୁଏ। ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ମହିଳାଙ୍କ ପାଇଁ ତେଲ ଜାତୀୟ ଖାଦ୍ୟ, ମିଠା, ଘିଅ, ଫାଷ୍ଟଫୁଡ଼, ଆଇସ୍‌କ୍ରିମ୍, ବାସିଖାଦ୍ୟ ଉପରେ ନିୟନ୍ତ୍ରଣ ରଖିବାକୁ ପଡ଼ିଥାଏ। ମହିଳାଙ୍କର ଥାଇରଏଡ୍ ହର୍‌ମୋନ କମ୍ ହେଲେ ଭୋକ କମ୍ ଲାଗେ, କାର୍ଯ୍ୟ କରିବାକୁ ମନ ଲାଗେ ନାହିଁ, ଝାଡ଼ା ପରିଷ୍କାର ହୋଇନଥାଏ। କେବଳ ସେତିକି ନୁହେଁ ଅଳସୁଆ ଲାଗିବା ସହ ଦୁର୍ବଳ ଲାଗିଥାଏ। କେତେକ କ୍ଷେତ୍ରରେ ଚର୍ମରୁ ତେଲିଆ ଅଂଶ କମିଯିବା ସହ ମୁଣ୍ଡବାଳ ଝଡ଼ି ଯାଇଥାଏ ।




ଅନେକ କ୍ଷେତ୍ରରେ ଥାଇରଏଡ୍ ସମସ୍ୟା ଥିବା ମାଆଟିର ରୋଗ ତାଙ୍କ ଝିଅକୁ ହେବାର ଆଶଙ୍କା ସୃଷ୍ଟି କରିଥାଏ। ଗର୍ଭାବସ୍ଥାରେ ଥାଇରଏଡ୍ ସମସ୍ୟା ବିପଦପୂର୍ଣ୍ଣ। ଗର୍ଭାବସ୍ଥାରେ ହାଇପୋଥାଇରଏଡ୍ ଜିମ ଚିହ୍ନଟ ହୋଇଥିଲେ ଗର୍ଭପାତର ଆଶଙ୍କା ଥାଏ। ତେବେ ଗର୍ଭ ଧାରଣ ହୋଇଥିଲେ ଆଗାମୀ ଶିଶୁଟିର ସ୍ୱାସ୍ଥ୍ୟ ପାଇଁ ଏହା ସମସ୍ୟା ସୃଷ୍ଟି କରିଥାଏ। ସମ୍ପ୍ରତି ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞମାନେ ଗର୍ଭବତୀ ମହିଳାମାନଙ୍କର ଥାଇରଏଡ୍ ପରୀକ୍ଷା ଟି.ଏସ୍.ଏଚ୍. ଓ ଏଫ.ଟି.ଏଚ୍. କରୁଛନ୍ତି। ଭେଷଜ ବିଜ୍ଞାନ କ୍ଷେତ୍ରରେ ଆମ୍ଭେମାନେ ମହିଳା ଥାଇରଏଡ୍ ସମସ୍ୟାକୁ ପ୍ରତିଦିନ ସାମ୍ନା କରୁଛୁ। ଥାଇରଏଡ୍ ସମସ୍ୟା ଦୀର୍ଘ ଦିନ ରହିଲେ ଗର୍ଭପାତର ଆଶଙ୍କା ସହ ଶରୀରକୁ କ୍ରମାଗତ ଦୁର୍ବଳ କରିଦେଇଥାଏ। ଏ କ୍ଷେତ୍ରରେ ମାନସିକ ଭାବରେ ନିଜକୁ ପ୍ରସ୍ତୁତ ରଖିବା ବଡ଼ କଥା। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲା ହସ୍‌ପିଟାଲ ସମେତ ରାଜ୍ୟର ବଡ଼ ମେଡ଼ିକାଲରେ ଥାଇରଏଡ୍ ସମସ୍ୟା ପାଇଁ ରୋଗୀମାନଙ୍କୁ ତତ୍‌କାଳ ଚିକିତ୍ସା ସେବା ବ୍ୟବସ୍ଥା ପାଇଁ ଅନେକ ଯୋଜନା ହାତକୁ ନେଇଛନ୍ତି। ତେବେ ଏ କ୍ଷେତ୍ରରେ କୌଣସି ପରିସ୍ଥିତିରେ ଗୁଣି ଗାରେଡ଼ି, ଝଡ଼ାଫୁଙ୍କା ବା କାହାର କଥାରେ ମନକୁ ମନ ଔଷଧ କିଣି ଖାଇବା ବିପଦପୂର୍ଣ୍ଣ। ଥାଇରଏଡ୍ ସମସ୍ୟାରେ ମହିଳାମାନେ ବେଶି କଷ୍ଟ ଅନୁଭବ କରିଥାନ୍ତି କର୍ମକ୍ଷେତ୍ରରେ। ଗୃହିଣୀ ହୁଅନ୍ତୁ ବା କର୍ମଜୀବି; ଥାଇରଏଡ଼୍ ସମସ୍ୟା ଦୀର୍ଘ ଦିନ ଲାଗି ରହିଲେ ସେମାନଙ୍କ କାର୍ଯ୍ୟ କରିବାର ଶକ୍ତିକୁ ହ୍ରାସ କରିବା ସହ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଦୁର୍ବଳ କରିପକାଏ। କିନ୍ତୁ ଏ କ୍ଷେତ୍ରରେ ଆଦୌ ବ୍ୟସ୍ତ ନ ହୋଇ ଭେଷଜ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆତ୍ମବିଶ୍ୱାସ ଓ କାର୍ଯ୍ୟ କରିବାର ପ୍ରବଣତା ରଖନ୍ତୁ । ଆଳସ୍ୟ ଲାଗୁଥିଲେ ବି ବିଛଣାରେ ଗଡ଼ପଡ଼ ନହୋଇ ବରଂ ମୁକ୍ତ ପବନରେ କିଛି ସମୟ ବୁଲନ୍ତୁ। କୋଷ୍ଠକାଠିନ୍ୟ ଦୂର କରିବା ପାଇଁ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ପ୍ରତିଦିନର ଖାଦ୍ୟ ତାଲିକାରେ ସବୁଜ ପରିବା ଓ ଫଳକୁ ନିଶ୍ଚିତ ଭାବରେ ସ୍ଥାନିତ କରନ୍ତୁ। ଯୋଗାସନ ବା ପ୍ରାଣାୟାମ ଖୁବ୍ ଭଲ କଥା। ସବୁବେଳେ କର୍ମବ୍ୟସ୍ତ ରୁହନ୍ତୁ। ତେବେ ଭେଷଜ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ହିଁ ଚିକିତ୍ସା କରାନ୍ତୁ । ଦେଖିବେ ଆପଣଙ୍କୁ ଭୟଭୀତ କରୁଥିବା ଥାଇରଏଡ୍ ନିଶ୍ଚିତ ଭାବରେ ଆପଣଙ୍କଠାରୁ ଦୂରେଇ ଯିବ। ଆପଣ ଜଣେ ସୁସ୍ଥ ଶରୀରର ଅଧିକାରୀ ହୋଇ ପୂର୍ବ ପରି ସଂସାରର ସବୁ ଦାୟିତ୍ୱ ହସି ହସି ତୁଲାଇ ପାରିବେ ।





ମହକ

# ସଂସ୍କୃତି,ପରମ୍ପରା,ସାହିତ୍ୟ ସେବା ଓ ପୂଜ୍ୟପୂଜାରେ ସମର୍ପିତ ସ୍ୱର : କାଠଯୋଡ଼ି ସାହିତ୍ୟ ସଂସଦ




ସହିତରେ ଥାଇ ସମ୍ୟକ ରୂପେ ହିତ ସାଧନ ହେଲେ ତାକୁ ସାହିତ୍ୟ କୁହାଯାଏ। ସାହିତ୍ୟ ବିକାଶ ସଭ୍ୟତାର ବିକାଶ ଉପରେ ପ୍ରତିଷ୍ଠିତ। ଆମ ଶିକ୍ଷା ପଦ୍ଧତିରେ ସାହିତ୍ୟ (ଏମଆଇଏଲ) ସ୍ୱତନ୍ତ୍ର ଭାବେ ସ୍ଥାନ ପାଇବା ସହ ଏହି ଦିଗରେ ଖୁବ୍ ଗବେଷଣା ଚାଲିଛି। ବହୁ ସାହିତ୍ୟ ପ୍ରେମୀ,ସାହିତ୍ୟ ସାଧକ ଆଜି ନିଜର ସାଧନା ଆଉ ଜ୍ଞାନ ପରିସର ବର୍ଦ୍ଧିତ କରିବା ସହ ଓଡିଆ ସାହିତ୍ୟ, କଳା,ସଂସ୍କୃତିକୁ ବିଶ୍ୱ ବନ୍ଦିତ କରାଇବାରେ ଏହାର ପ୍ରଚାର ପ୍ରସାର ଦିଗରେ ଅହରହ ଚେଷ୍ଟିତ। ଦିନକୁ ଦିନ ସାହିତ୍ୟ ପତ୍ରିକା ସଂଖ୍ୟା ବଢ଼ିବା ସହ ଖୁବ୍ ପାଠକୀୟ ସ୍ୱୀକୃତି ମିଳୁଛି । ଯୁବପିଢି ସାହିତ୍ୟ ପ୍ରତି ଶ୍ରଦ୍ଧାଶୀଳ ହୋଇ ବିଭିନ୍ନ ଲେଖା, ରଚନା ପ୍ରତି ରୁଚି ରଖି ପତ୍ରିକା ପ୍ରକାଶନ କରିବା, ପଢ଼ିବା ଆଦିରେ ରୁଚି ରଖିଛନ୍ତି । ସେହିଭଳି ଏକ ଶୁଭଙ୍କର ମୁହୂର୍ତ୍ତରେ ଆରମ୍ଭ ହୋଇଥିଲା କାଠଯୋଡ଼ି ସାହିତ୍ୟ ସଂସଦ। କାଠଯୋଡି ସାହିତ୍ୟ ସଂସଦ ୨୦୧୬ ପବିତ୍ର ଦଶହରାରେ କଟକ ଜିଲ୍ଲା ପୋପରଡା ଶ୍ମଶାନ ମହାବୀର ପୀଠରେ ଅୟମାରମ୍ଭ ହେଲା। ବିଶିଷ୍ଟ ଚିତ୍ରଶିଳ୍ପୀ କବି ଧନେଶ୍ୱର ସାହୁ, ବିଶିଷ୍ଟ କବୟିତ୍ରି ସାନ୍ତ୍ୱନା ମହାନ୍ତି, ଚଳଚ୍ଚିତ୍ର ସାମ୍ବାଦିକ ରବି ରାଉତରାୟ, ସାରସ୍ୱତ ପ୍ରେମୀବନ୍ଧୁ ଗଦାଧର ପ୍ରଧାନ, ଅଜୟ ଜେନା, କବି ପ୍ରମୋଦ ସାହୁ, ଅଧ୍ୟାପକ ହୃଷିକେଶ ମହାରଣା,ମନ୍ମଥ ଜେନା ଓ ଇଂ.ଶୁଭଦେବ ଜେନା, ଇଂ.ଶେଷଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଡାକ୍ତର ସୁନିଲ ରାଉତ, ପ୍ରମୋଦ କୁମାର ପ୍ରଧାନ, ଅଧ୍ୟାପିକା ବିଷ୍ଣୁପ୍ରିୟା ସାହୁ, ଦୁର୍ଯ୍ୟୋଧନ ବେହେରା, ପ୍ରମିଳା ପତି, ଜୟନ୍ତୀ ବାରିକ ଏବଂ ବହୁ ମାନ୍ୟଗଣ୍ୟ ସାରସ୍ୱତ ସାଧକ ବର୍ଗ ବାବାଜୀ ଜେନାଙ୍କ ଚଲାପଥର ସାଥୀ ହୋଇ ପ୍ରେରଣା ଯୋଗାଇ ଚାଲଛନ୍ତି। ଏବେ କ୍ରମାଗତ ଭାବେ ଏହାର ବାର୍ଷିକ ମୁଖପତ୍ର 'କାଠଯୋଡ଼ି' ପ୍ରକାଶିତ ହୋଇ କଟକ ସଦର, ଜିଲ୍ଲା ସହ ରାଜ୍ୟ ଏବଂ ରାଜ୍ୟ ବାହାର ଓଡ଼ିଆଙ୍କୁ ଏଥିରେ ସାମିଲ କରିଛି। ଏହି ସଂସଦର ଜନ୍ମଦାତା ହେଇଛନ୍ତି ବିଶିଷ୍ଟ ଗୀତିକବି ସାରସ୍ୱତ ସାଧକ କଟକ ନୂଆବଜାର ପୋପରଡା ନିବାସୀ ବାବାଜୀ ଚରଣ ଜେନା ମହୋଦୟ। ସେ କାଠଯୋଡ଼ି ସାହିତ୍ୟ ସଂସଦର ବରେଣ୍ୟ ସାଧାରଣ ସମ୍ପାଦକ। ସେ ସୁନାବେଡ଼ାରେ ସରକାରୀ ଚାକିରୀ ସମୟରେ ସେଠାରେ ମଧ୍ୟ ସାହିତ୍ୟ ସାଧନାରେ ଲିପ୍ତ ଥିଲେ, ଆଜି ଅବସର ଗ୍ରହଣ ପରେ ମଧ ସାହିତ୍ୟ ପାଇଁ ତାଙ୍କ ପ୍ରାଣ ସମର୍ପିତ। କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ତାଙ୍କ ବନ୍ଧୁ ଗଣପତି ମଲ୍ଲିକଙ୍କ ସହ ମିଶି ବନପ୍ରଭା ସାହିତ୍ୟ ସଂସଦ ଗଠନ କରିଥିଲେ। ମଲ୍ଲିକ ବାବୁ ଜନଜାତି ସମ୍ପ୍ରଦାୟର ହେଲେବି ଏତେ ଓଡ଼ିଆ ପ୍ରେମୀ ନ ଦେଖିଲେ ଜାଣି ହେବନି। କୁଇ ଭାଷାରେ ଗବେଷଣା କରୁଥିଲେ ସେ ଆଜି ନାହାଁନ୍ତି କିନ୍ତୁ ବରେଣ୍ୟ ସ୍ରଷ୍ଟା ବାବାଜୀଙ୍କ ସେ ସାହିତ୍ୟ ସାଧନାର ଭିନ୍ନ ଏକ ପ୍ରେରଣା ଆଉ ଶୁଭେଚ୍ଛୁ। ଓଡ଼ିଆ ଭାଷା ସାହିତ୍ୟ ପ୍ରଚାର ପ୍ରସାର ଦିଗରେ ଗୁଣ୍ଡୁଚି ମୂଷା ଭଳି କାମ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା ଏହି ସଂସଦ। ଆଉ କଟକ ସଦର ମାଟିରେ ବହୁ ଔପନାସିକ, ଗାଳ୍ପିକ ଗାୟକ, କବି ରାଜନୈତିକ ନେତାଙ୍କ ଜନ୍ମଭୂମି । ଅନେକ ଜାଣନ୍ତି ନାହିଁ କାହ୍ନୁ ମହାନ୍ତି ଗୋପିନାଥ ମହାନ୍ତି, ମନୋରଞ୍ଜନ ଦାସ, ଶାରଦା ପ୍ରସନ୍ନ ନାୟକ, ସ୍ୱରୂପ ନାୟକ, ମହମ୍ମଦ ସିକନ୍ଦର ଆଲାମ, ଚିତ୍ତ ଜେନା ବନ ଜେନା, ଗୋପାଳ ପ୍ରହରାଜ, ଦୂରଦର୍ଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ଜେନା ଆହୁରି ଅନେକ ପ୍ରତଭାଙ୍କ ଜନ୍ମ ଭୂମି କଟକ ସଦରରେ ସେହି ମହାନ୍ କାଳଜୟୀ ସ୍ରଷ୍ଟାଙ୍କ ସୃଷ୍ଟିକୁ ଆହୁରି ଲୋକଲୋଚନକୁ ଆଣିବାର ପ୍ରୟାସରେ କାଠଯୋଡ଼ି ସାହିତ୍ୟ ସଂସଦ ଶତତ ଚେଷ୍ଟିତ। ବାବାଜୀ ବାବୁଙ୍କୁ ଦେଖିଲେ ଲାଗେ ନାହିଁ କି ସେ ପରିଣତ ବୟସ ଆଉ ଅସୁସ୍ଥ ଶରୀର ମଧରେ ସେ ସାହିତ୍ୟ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ, ସାହିତ୍ୟାନୁରାଗୀ, ଆଉ ମଣିଷକୁ ଅନ୍ତର ସହ ଭଲ ପାଉଥିବା ମହାନ୍ ମଣିଷ ଯାହାଙ୍କର ବିଷୟରେ ବର୍ଣ୍ଣନା କରିବା ଅସମ୍ଭବ। ତାଙ୍କ ଦୁଇ ସୁପୁତ୍ର ଇଂ.ଶେଷଦେବ ଓ ଇଂ.ଶୁଭଦେବ ଆଜି ପିତାଙ୍କ ଉପଯୁକ୍ତ ସାହିତ୍ୟ ଦାୟାଦ ଭାବେ ଏହି ଦିଗରେ ଅଗ୍ରସର। ବାବାଜୀ ବାବୁ ଓ ତାଙ୍କ ସହଯୋଗୀମାନଙ୍କ ଏକନିଷ୍ଠ ସାଧନାର ଅମୃତ ଫଳ କାଠଯୋଡ଼ି ଯାହାକି ଆମ ଓଡିଆ ସାହିତ୍ୟ ପାଇଁ ଅମୂଲ୍ୟ ଦାନ। କଥା ପ୍ରସଙ୍ଗରେ ବାବାଜୀ ଜେନା କୁହନ୍ତି କାଠଯୋଡ଼ି ପାଇଁ ସମସ୍ତଙ୍କ ସହଯୋଗ ରହିଛି,ମୁଁ ନିମିତ ମାତ୍ର। ଏହି ସଂଗଠନ କବି ସମ୍ମିଳନୀ,ପୁସ୍ତକ ଉନ୍ମୋଚନ,ସାରସ୍ୱତ ସମ୍ବର୍ଦ୍ଧନା ଓ ଆଲୋଚନା ଆଦି କାର୍ଯ୍ୟକ୍ରମ କରିଥାଏ। ଏହି ସଂସଦର ଉତ୍ତରୋତ୍ତର ଉନ୍ନତି ଓ ପତ୍ରକାର ଦୀର୍ଘ ଜୀବନ ଆଶା କରୁଛୁ।


## ଏହି ସପ୍ତାହ, ସେହି ବର୍ଷ (ମାର୍ଚ୍ଚ ୧୫-୨୧)

### ଏଇ ସପ୍ତାହ


ମାର୍ଚ୍ଚ ୧୫, ୨୦୦୮- ଇଟାଲୀର ପୋସିଲିପ୍ପୋ ଠାରେ ଗାନ୍ଧିଜୀଙ୍କ ପ୍ରତିମାର ସ୍ଥାପନା କରାଯାଇଥିଲା।




ମାର୍ଚ୍ଚ ୧୬, ୧୯୬୬- ଆମେରିକା ମାନବଯୁକ୍ତ ଅନ୍ତରୀକ୍ଷ ଯାନ ଜେମିନୀ-୮ ଲଞ୍ଚ କରିଥିଲା।




ମାର୍ଚ୍ଚ ୧୭, ୧୯୫୯-ବୌଦ୍ଧ ଧର୍ମଗୁରୁ ଦଲାଇ ଲାମା, ତିବ୍ବତରୁ ଭାରତକୁ ଆସିଥିଲେ।




ମାର୍ଚ୍ଚ ୧୮, ୧୯୪୪- ନେତାଜୀଙ୍କ ଆଜାଦ୍ ହିନ୍ଦ ଫୌଜ, ବର୍ମାର ସୀମା ଅତିକ୍ରମ କରିଥିଲା।




ମାର୍ଚ୍ଚ ୧୯, ୧୯୮୮-ଅଟଳ ବିହାରୀ ବାଜପେୟୀ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ।



ମାର୍ଚ୍ଚ ୨୦, ୧୯୧୬-ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ପୁସ୍ତକ 'ଜେନେରାଲ୍ ଥିଓରୀ ଅଫ୍ ରିଲେଟିଭିଟି'ର ପ୍ରକାଶନ ହୋଇଥିଲା।



ମାର୍ଚ୍ଚ ୨୧, ୧୮୮୭- ମୁମ୍ବାଇରେ ପ୍ରାର୍ଥନା ସମାଜର ସ୍ଥାପନା ହୋଇଥିଲା।





## ହସ ବି ହୋଇଯିବ କାଳ

ଯଦି କେବେ କାହାକୁ ଦେଖି ମନ ରଖିବା ପାଇଁ ବା କାହାକୁ ଖୁସି କରିବାକୁ କୁତ୍ରିମ ହସ ହସୁଛନ୍ତି, ତାହେଲେ ଜାଣି ରଖନ୍ତୁ ଯେ ଆପଣ ମସ୍ତବଡ଼ ଭୁଲ କରୁଛନ୍ତି । କାରଣ କୁତ୍ରିମ ହସ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି ଗବେଷକମାନେ ଏକ ଅନୁସନ୍ଧାନରୁ ଜାଣିପାରିଛନ୍ତି । ଏହା ଦ୍ୱାରା ହାର୍ଟ ଉପରେ ପ୍ରଭାବ ପଡ଼ିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ବି ଦେଖାଦେଇଥାଏ । ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଜର୍ଣ୍ଣାଲରେ ଅନୁସାରେ କୁତ୍ରିମ ହସ ହସୁଥିବା ଲୋକମାନଙ୍କ ଆୟୁ କମ ହୋଇଥାଏ । ବସ୍,ଅଟୋ, ଅଫିସ୍ କିମ୍ବା କୌଣସି ବ୍ୟବସାୟିକ ଅନୁଷ୍ଠାନକୁ ଗଲେ ଆପଣଙ୍କୁ ଅଭିବାଦନ କରିବା ଅବସରରେ ଯେଉଁମାନେ କୁତ୍ରିମ ହସ ହସୁଛନ୍ତି, ସେମାନେ କେବେ ଜାଣିନାହାନ୍ତି ଯେ ଏହା ସେମାନଙ୍କର ସ୍ୱାସ୍ଥ୍ୟ ପାଇଁ କେତେ ଖରାପ । ଏଣୁ ସବୁବେଳେ ସଜାଗ ରୁହନ୍ତୁ, କୁତ୍ରିମ ହସରୁ ଦୂରେଇ ରୁହନ୍ତୁ । ଯଦି ଆପଣ ସ୍ମିତହାସ୍ୟ କାହାକୁ ଦେଖି ଦେଉଛନ୍ତି, ବାଧ୍ୟବାଧକତାରେ ତାହା କରନ୍ତୁ ନାହିଁ ।

## ଗାଁ ଅଛି ହେଲେ ଲୋକ ନାହାନ୍ତି

ରହସ୍ୟମୟ କାରଣରୁ ଚର୍ଚ୍ଚାରେ ରହୁଥିବା ଗ୍ରାମଗୁଡ଼ିକ ମଧ୍ୟରେ ରାଜସ୍ଥାନର କୁଲଧରା ଗ୍ରାମ ଅନ୍ୟତମ । ଆଜିଠୁ ୨୦୦ ବର୍ଷ ପୂର୍ବରୁ କୁଲଧରା ଗ୍ରାମରେ ପାଲିଭାଲ୍ ବ୍ରାହ୍ମଣମାନେ ବହୁ ସଂଖ୍ୟାରେ ରହୁଥିଲେ । କିନ୍ତୁ ୧୮୨୫ରେ ଅଚାନକ ଲୋକମାନେ ଏହି ଗ୍ରାମକୁ ଛାଡ଼ି ଚାଲିଯିବା ପରି ଏକ ଆଶ୍ଚର୍ଯ୍ୟ ଓ ରହସ୍ୟମୟ ଘଟଣା ଘଟିଥିଲା । ଗ୍ରାମ ଛାଡ଼ି ଯାଇଥିବା ଲୋକମାନେ ଅଭିଶାପ ଦେଇଥିଲେ । ତେଣୁ ଯଦି କୌଣସି ବ୍ୟକ୍ତି ଗ୍ରାମରେ ଆସି ରହେ ସେ ପୂରା ବରବାଦ ହୋଇଯାଏ । ସେବେଠାରୁ ଗ୍ରାମଟି ଖାଲି ପଡ଼ିଛି । ଏକାଦଶ ଶତାବ୍ଦୀରେ ପାଲିରୁ ବିସ୍ଥାପିତ ହୋଇ ପାଲିଭାଲ୍ ବ୍ରାହ୍ମଣମାନେ ରାଜସ୍ଥାନର ବିଭିନ୍ନ ସ୍ଥାନରେ ଯଥା- ଯୋଧପୁର, ଜୈସଲମେର, ସାଥଲମେର, ବିକାନେର ଆଦିରେ ଆସି ରହିଥିଲେ । ସେ ସମୟରେ କୁଲଧରା ଗ୍ରାମ ସବୁ ପ୍ରକାରର ସୁଖସୁବିଧାରେ ସମୃଦ୍ଧ ଥିଲା । ମାନ୍ୟତା ଅନୁସାରେ ଶାସନରେ ଥିବା ଦେୱାନ ସାଲେମ ସିଂହଙ୍କ ନଜର ଗ୍ରାମର ବ୍ରାହ୍ମଣ ଝିଅ ଶକ୍ତି ମାତାଙ୍କ ଉପରେ ପଡ଼ିଥିଲା ଓ ସେ ତାଙ୍କ ସହିତ ବିବାହ କରିବାକୁ ଚାହୁଁଥିବା ବେଳେ ବ୍ରାହ୍ମଣମାନେ ଅନ୍ୟ ଧର୍ମରେ ଝିଅର ବିବାହ କରିବାକୁ ଚାହିଁ ନଥିଲେ । ତେଣୁ ପାଲିଭାଲ୍ ବ୍ରାହ୍ମଣମାନେ ଗ୍ରାମ ଛାଡ଼ିବାକୁ ନିର୍ଣ୍ଣୟ ନେଇଥିଲେ ।

## ପାହାଡ଼ ନା ସ୍ୱର୍ଗ !

ପର୍ବତ, ଝରଣା, ନଦୀ ଓ ପ୍ରାକୃତିକ ଜିନିଷଗୁଡ଼ିକ ଆମକୁ ଆକର୍ଷଣ କରିଥାନ୍ତି । ତେଣୁ ପାହାଡ଼ିଆ କ୍ଷେତ୍ରକୁ ଯାଇ ଛୁଟି ମନେଇବା ପାଇଁ କିଏ ବା ନଚାହିଁବ ! ଆମ ଦେଶରେ ତ ଏପରି ସୁନ୍ଦର ଓ ମନୋରମ ଦୃଶ୍ୟର ଅଭାବ ନାହିଁ । ପାହାଡ଼ ଉପରେ ଯଦି ମନ୍ଦିର ଥାଏ ତେବେ ଏହି ଦୃଶ୍ୟ ଆହୁରି ସୁନ୍ଦର ଦେଖାଯାଏ । ସ୍ୱର୍ଗ ପରି ଅନୁଭୂତି ଦେଉଥିବା ଓ ଆଧ୍ୟାତ୍ମ ପାଇଁ ପ୍ରସିଦ୍ଧି ପାଇଥିବା ଦୁନିଆର ଏକମାତ୍ର ପର୍ବତ ପାଲିତାନ ଶତ୍ରୁଞ୍ଜି ନଦୀ କୂଳରେ ଅବସ୍ଥିତ । ସମୁଦ୍ର ପତ୍ତନଠାରୁ ୧୬୪ ଫୁଟ୍ ଉଚ୍ଚରେ ଅବସ୍ଥିତ ଏହି ପାହାଡ଼ ଉପରେ ୧୦-୨୦ଟି ନୁହେଁ ୮୦୦ଟି ମନ୍ଦିର ଅଛି । ଏହି କାରଣରୁ ଏହି ପର୍ବତକୁ ଆସ୍ଥାର କେନ୍ଦ୍ର ବୋଲି କୁହାଯାଏ । ଯଦି କୌଣସି ବ୍ୟକ୍ତି ମାନସିକ ଶାନ୍ତି ପାଇଁ ଭ୍ରମଣ କରିବାର ଯୋଜନା କରୁଥାଏ ତେବେ ସେଠାକୁ ଯିବା ଉଚିତ । ମନ୍ଦିରଗୁଡ଼ିକ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ପଥର ଦ୍ୱାରା ନିର୍ମିତ ୩୭୫ଟି ଶିଡ଼ି ଚଢ଼ିବାକୁ ପଡ଼ିଥାଏ । ଗୁଜରାଟର ଭାବନଗର ଜିଲ୍ଲାରେ ସ୍ଥିତ ଏହି ପର୍ବତ ମୁଖ୍ୟ ସହରଠାରୁ ପାଖାପାଖି ୫୦ କି.ମି ଦୂରରେ ରହିଛି । ସେଠାକୁ ଜୈନ ଧର୍ମର ୨୪ ଜଣ ତୀର୍ଥଙ୍କରଙ୍କ ମଧ୍ୟରୁ ୨୩ ଜଣ ତୀର୍ଥଙ୍କର ପହଞ୍ଚିଥିବାରୁ ଜୈନ ଧର୍ମର ଲୋକମାନଙ୍କ ପାଇଁ ତାହା ଏକ ପ୍ରମୁଖ ତୀର୍ଥସ୍ଥାନ ଅଟେ ।




## ପୁଅ କି ଝିଅ ହେବ ପୂର୍ବରୁ ବି ଜାଣୁଥିଲେ

ଜନ୍ମସଂଖ୍ୟା ନିୟନ୍ତ୍ରଣ କରିବାକୁ ସେତେବେଳେ ବିଶେଷ କିଛି ସୁବିଧା ନଥିଲା । ଜନସଂଖ୍ୟା ବି ସେଭଳି ବୃଦ୍ଧି ପାଇ ଚାଲିଥିଲା । ଲୋକମାନେ ଅବାଞ୍ଛିତ ଭାବରେ ଗର୍ଭଧାରଣକୁ ମଧ୍ୟ ଜାଣିପାରୁ ନଥିଲେ । ଏଣୁ ଗର୍ଭଧାରଣ ଜାଣି ନପାରିବା କାରଣରୁ ନାନାପ୍ରକାର ଅସୁବିଧା ବି ହେଉଥିଲା । କ୍ରମଶଃ ବିଜ୍ଞାନର ଉନ୍ନତି ବଳରେ ମାତ୍ର କେତେ ମିନଟ୍ ଭିତରେ ଏହା ଜାଣିବା ସମ୍ଭବ ହୋଇପାରୁଛି । ଏହି ପରୀକ୍ଷା ପଦ୍ଧତି ଆଜିକାଲିର ନୁହେଁ । ୧୬୧୦ ମସିହାରୁ ଇଜିପ୍ଟର ମହିଳାମାନେ ବାର୍ଲି ଓ ଗହମ ମଞ୍ଜି ସାହାଯ୍ୟରେ ଏହି ପରିକ୍ଷା କରିପାରୁଥିଲେ । ଯଦି ବାର୍ଲିଗଛଟି ପରିସ୍ରା ଦ୍ୱାରା ଉଠିଲା, ତାହେଲେ ପୁଅ ଓ ଗହମ ଗଛଟି ଉଠିଲା ଝିଅ ବୋଲି ଜାଣୁଥିଲେ । ଯଦି ନକିଛି ଉଠିଲା, ତାହେଲେ ନେଗେଟିଭ୍ ବୋଲି ବୁଝିବାକୁ ପଡୁଥିଲା ।







# ଗର୍ଭବତୀ ଗାଈର ଯତ୍ନ

**ମଣିଷଙ୍କ ପରି ଗର୍ଭବତୀ ଗାଈଙ୍କର ମଧ୍ୟ ପ୍ରସବକାଳୀନ ଉପଯୁକ୍ତ ଯତ୍ନ ନେବାକୁ ପଡ଼ିଥାଏ । ଗର୍ଭ ଥିବା ସମୟରେ ଗାଈଟି ଉଚ୍ଚ ଜାଗାରୁ ପଡ଼ିଯିବା, କୌଣସି ପ୍ରକାର ଦୁର୍ଘଟଣା ଘଟିବା, ଅନ୍ୟ ଗାଈଗୋରୁ ଉପରେ ଚଢ଼ିଯିବା ଇତ୍ୟାଦି ବିପଦରୁ ସୁରକ୍ଷିତ ରଖିବାକୁ ପଡ଼ିବ । ଏହାଛଡ଼ା ସମ୍ଭାବ୍ୟ ପ୍ରସବର ୬୦ଦିନ ପୂର୍ବରୁ କ୍ଷୀର ଦୁହିଁବା ବନ୍ଦ କରିବା ଦରକାର । ସହଜ ପ୍ରସବ ପାଇଁ ଗାଈର ମଧ୍ୟ ବ୍ୟାୟାମ କରାଇବା ଉଚିତ୍ ।**

ଏହା ବ୍ୟତୀତ, ଗାଈର ଖାଦ୍ୟ ବା ପାନୀୟରେ ଦୈନିକ ୫୦ ରୁ ୬୦ ଗ୍ରାମ୍ ଲୁଣ ଦିଆଯିବ । ଅନ୍ୟ ଗାଈଗୋରୁଙ୍କଠାରୁ ଏହାକୁ ଅଲଗା ରଖି ନଡ଼ା ବିଛାଇ ଶୁଆଇବା ଦରକାର ପଡ଼େ । ଗାଈଠାରୁ ଅଧିକ ଦୁଗ୍ଧ ପାଇବାକୁ ହେଲେ ସୁଷମ ଦାନା ଦେବାକୁ ହେବ । ଏଥିଲାଗି ୫୦ କେଜି ଓଜନର ଏକ ଗାଈକୁ ୦.୫ କେଜି ଦାନା ଏବଂ ପ୍ରତି ୨.୫ ଲିଟର କ୍ଷୀର ପିଛା ଆଉ ୧କେଜି ଲେଖାଏଁ ଦାନା ଦେବାକୁ ପଡ଼ିବ । ଏଥି ସହିତ ଗର୍ଭ ପାଇଁ ଆଉ ୫୦୦ ରୁ ୧କେଜି ଲେଖାଏଁ ଅଧିକ ଦାନା ଦେବେ । ଭିଟାମିନ୍ କ ଓ ଘ ମିଶ୍ରିତ ଧାତବ ଲବଣ ବା ମିନେରାଲ ମିକ୍ସର ପ୍ରତିଦିନ ୩୦ ରୁ ୫୦ ଗ୍ରାମ କରି ଖାଇବାକୁ ଦିଆଯିବ । ଖରାଦିନେ ଗର୍ଭବତୀ ଗାଈକୁ ଯଥେଷ୍ଟ ପରିଷ୍କାର ଥଣ୍ଡା ପାଣି ପିଇବାକୁ ମଧ୍ୟ ଦିଆଯାଏ । ଗର୍ଭବତୀ ଗାଈ ଯେପରି ବେଶି ବାଟ ନଚାଲେ ବା ଚମକି ନପଡ଼େ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ଗୁହାଳକୁ ଚିକ୍କଣ ନ କରି ଗାର ପକା ଚଟାଣ କରିବେ ଏବଂ ଏହା ଗର୍ଭବତୀ ଗାଈଙ୍କ ପାଇଁ ଭଲ ।

ପ୍ରସବ ପୂର୍ବର ଯତ୍ନ - ଗର୍ଭିଣୀ ଗାଈକୁ ପ୍ରସବ କରିବାର ୧୫ଦିନ ପୂର୍ବରୁ ଏକ ମୁକ୍ତ ପ୍ରସବ ଗୃହରେ ରଖି ନଡ଼ାକୁଟା ବିଛାଇ ନରମ ବିଛଣାରେ ଶୁଆଇବେ । ଠିକ୍ ଖାଡ଼ା ହେବା ପାଇଁ ପ୍ରସବର ୧୦-୧୪ ଦିନ ପୂର୍ବରୁ ତନ୍ତୁ ବହୁଳ ଖାଦ୍ୟ ଖାଇବାକୁ ଦିଅନ୍ତୁ । ପ୍ରସବର ଦିନ ପାଖେଇ ଆସିଲେ ବାହାରକୁ ଛାଡ଼ନ୍ତୁ ନାହିଁ ଏବଂ ଜଗି ରହିବାକୁ ଉଦ୍ୟମ କରନ୍ତୁ । ପ୍ରସବ ଗୃହରେ ମୁକ୍ତ ବାୟୁ ଚଳାଚଳ ଓ ଆଲୋକ ବ୍ୟବସ୍ଥା କରନ୍ତୁ ।

ପ୍ରସବ ପୂର୍ବବର୍ତ୍ତୀ ଲକ୍ଷଣ - ପ୍ରସବ ପୂର୍ବରୁ ଗାଈକୁ ଖାଇବାକୁ ରୁଚେ ନାହିଁ । ବାରମ୍ବାର ଅଳ୍ପ ଅଳ୍ପ ପରିସ୍ରା ହୁଏ । ଗାଈର ବାହାର ଯୋନି ଦ୍ୱାର ଈଷତ୍ ଲାଲ ପଡ଼ିବା ସହିତ ଅତ୍ୟଧିକ କୋହଳ ବା ଫୁଲିଯିବାର ଦେଖାଯାଏ । ପହ୍ମା ବାହାରକୁ ବଡ଼ ହୋଇ ଓହଳି ପଡ଼େ । ପ୍ରସବ ଯନ୍ତ୍ରଣା ହେଲେ ଗାଈ ବାରମ୍ବାର ଉଠବସ୍ ହୁଏ । ସେ ତାର ପେଟ ଆଡ଼କୁ ମୁହଁ କରି ଚାଟେ । ଗାଈର ଯୌନାଙ୍ଗରୁ ହଳିଦିଆ ମୋଟା ଲାଳ ନିର୍ଗତ ହୁଏ । ଗାଈ ପ୍ରସବ ଯନ୍ତ୍ରଣା ଅନୁଭବ କରିବାର ୨ ରୁ ୩ଘଣ୍ଟା ମଧ୍ୟରେ ବାଛୁରୀ ଜନ୍ମ ହୋଇଥାଏ, ନଚେତ ପ୍ରାଣୀ ଚିକିତ୍ସକଙ୍କ ସାହାଯ୍ୟ ନେବା ଜରୁରୀ ହୋଇପଡ଼େ ।


ପ୍ରସବ ସମୟରେ ଗାଈର ଯତ୍ନ - ଗାଈର ପ୍ରସବ ସମୟରେ ଗୋପାଳକ ନିଜେ ଉପସ୍ଥିତ ରହିବା ଦରକାର । ଗାଈର ପ୍ରସବ ଯନ୍ତ୍ରଣା ଜନିତ କ୍ଲାନ୍ତି ଦୂର ପାଇଁ ଥଣ୍ଡା ପିଇବା ପାଣି ଯୋଗାଇ ଦିଅନ୍ତୁ । ପ୍ରସବ ପରେ ଗାଈର ଫୁଲ ପଡ଼ିଥାଏ ଏବଂ ଗାଈ ଏହାକୁ ଖାଇ ଦେଇପାରେ । ତେଣୁ ସଂଗେ ସଂଗେ ଫୁଲକୁ କାଢ଼ିନେବା ଉଚିତ । ଗାଈର ଶରୀରକୁ ଡେଟଲ୍ ମିଶା ଗରମ ପାଣିରେ ପୋଛି ସଫା କରିବେ । ପ୍ରସବର ୧୨ଘଣ୍ଟା ଭିତରେ ଯଦି ଫୁଲ ନ ଖସେ ତେବେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।



ବାଛୁରୀ ଜନ୍ମ ଦେବା ପରେ ପରେ ଗାଈର ଦୁଗ୍ଧ ଜ୍ୱର ବା କିଟୋସିସ୍ ରୋଗ ହେବାର ସମ୍ଭାବନା ଥାଏ । ସେଥିପ୍ରତି ତୀକ୍ଷ୍ଣ ନକରି ରଖିବା ସହିତ ଡାକ୍ତରଙ୍କ ପରାମର୍ଶ ନୋବ ଦରକାର । ଯଦି ପହ୍ମାଁ ଅତ୍ୟଧିକ ଫୁଲି ଯାଇଥାଏ, ତେବେ ପହ୍ମାଁରୁ ଧାରେ କିମ୍ବା ୨ଧାର କ୍ଷୀର ବାହାର କଲାପରେ ବାଛୁରୀକୁ କଷକ୍ଷୀର ଜନ୍ମ ହେବାର ଅଧଘଣ୍ଟା, ୨ ଘଣ୍ଟା, ୪ଘଣ୍ଟା ବ୍ୟବଧାନରେ ପିଇବାକୁ ଦିଅନ୍ତୁ । ଗାଈକୁ ଚୋକଡ଼ଯୁକ୍ତ ତନ୍ତୁବହୁଳ ଗୋଖାଦ୍ୟ ଦିଅନ୍ତୁ ।

ପ୍ରସବ ପରେ ଗାଈର ଯତ୍ନ - ପ୍ରସବ ପରେ ଗାଈ କ୍ଲାନ୍ତି ସହିତ ଶୋଷ ଅନୁଭବ କରେ । ତେଣୁ ପ୍ରସବର ଅନ୍ତତଃ ୨-୪ ଦିନ ପର୍ଯ୍ୟନ୍ତ ପାଣି ଫୁଟାଇ ଉଷୁମ ଅବସ୍ଥାରେ ପିଇବାକୁ ଦିଅନ୍ତୁ । ଗୋଖାଦ୍ୟ ସହିତ ଲୁଣ ଓ ଚୋକଡ଼ ମିଶାଇ ଅତି କମ୍‌ରେ ୪ଦିନ ଖାଇବାକୁ ଦେବାକୁ ହେବ । ତା ଛଡ଼ା ଯଥେଷ୍ଟ ପରିମାଣରେ ସବୁଜ ଘାସ, ସାଇଲେଜ୍, ଶୁଷ୍କ ଘାସ, ନଡ଼ା ପାଳ ଆଦି ଖାଇବାକୁ ଦେବାକୁ ହେବ । ଯଦି ଗାଈର ସ୍ୱାସ୍ଥ୍ୟ ଭଲ ଥାଏ ତେବେ ପ୍ରସବର ୩ଦିନ ପରେ ପ୍ରସବ ଘରୁ ଅଲଗା ରଖାଯିବ । ଗାଈ ଜନ୍ମ କଲାପରେ ୨୯ ରୁ ୩୦ ଦିନ ପର୍ଯ୍ୟନ୍ତ ପ୍ରସବ ଦ୍ୱାରରୁ ଫୁଲର ଅବଶିଷ୍ଟାଂଶ ବା ମଇଳା ନିର୍ଗତ ହେଉଥାଏ । ସେହି ସମୟରେ କୂଆ ଯେପରି ଖୁମ୍ପି ଘା’ ସୃଷ୍ଟି ନ କରେ ସେଥିପ୍ରତି ନଜର ରଖିବାକୁ ପଡ଼େ ।





ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ମି.ରାଉଲକେଲାରୁ ସୁପର ହିରୋ ହୃଷିକେଶ




ବିନା ଡାଇଲଗ୍‌ରେ ଭଲ ମଣିଷ ଖୋଜି ଖୋଜି ତ୍ରିନାଥରୁ ଆସିଥିବା ହୃଷି ମଞ୍ଚରେ ଆଉ ମଞ୍ଚତଳେ ବସିଥିବା ଦର୍ଶକଙ୍କ ଭିଡ଼ ଭିତରୁ ଭଲ କି ଖରାପ ମଣିଷ ଖୋଜି ପାଇଛନ୍ତି କି ନାହିଁ କିନ୍ତୁ ନିଜକୁ ଯେତେବାଟ ଜଣେ ନାଟୁଆ କରି ଆଗେଇ ଆସିଛନ୍ତି, କଳାପ୍ରେମୀ କିନ୍ତୁ ଜଣେ ଚକୋଲେଟ୍ ହିରୋ ତଥା ଦମଦାର ଅଭିନେତାଟିଏ ପାଇଛନ୍ତି, ଏହାକୁ କେହି ଅସ୍ୱୀକାର କରିପାରିବେନି । ହୃଷିକେଶ ମିଶ୍ର ଆଜି ଆଗଧାଡ଼ିର ନାୟକ ତାଲିକାରେ ରହି ଅଭିନୟରେ ଯେମିତି ନିଜର ବଳିଷ୍ଠତା ଦେଖାଇ ପାରିଛନ୍ତି, ଦର୍ଶକଙ୍କର ସେତିକି ପ୍ରିୟ ହୋଇପାରିଛନ୍ତି । ପ୍ରଥମେ ୧୯୯୧ମସିହାରେ ତ୍ରିନାଥର ଭଲମଣିଷ ଖୋଜା ଚାଲିଛି ନାଟକରେ କନେଷ୍ଟବଳ ଭୂମିକାରେ ବିନା ଡାଇଲଗରେ ଅଭିନୟ କରିବା ଓ ପୁଣି ପାଞ୍ଚ ବର୍ଷ ପାଇଁ ଯାତ୍ରାରୁ ବିରତ ନେଇ ମେ ଫେୟାରରେ କାମ କରିବା ପରେ ତାରପୁର ଅପେରାରେ ଯୋଗ ଦେଇଥିଲେ । ମେ ଫେୟାରରେ ଫ୍ୟାସନ ସୋ ପାଇଁ ଫର୍ମ ବିକୁଥିବା ହୃଷି ଯେ ସେହି ସୋରେ ନିଜେ ଭାଗ ନେଇ ମି. ରାଉଲକେଲା ହେବେ, ସେ ନିଜେ ବି ଜାଣି ନଥିଲେ । ତାଙ୍କର ସେହି ଚକୋଲେଟ୍ ଚେହେରା ଆଗଧାଡ଼ିର କଳାକର ଭାବରେ ପ୍ରତିଷ୍ଠିତ କରାଇ ନାହିଁ, ସେ ମଧ୍ୟ ମୂଳରୁ ନାଟୁଆ ଥିଲେ । ରାଉଲକେଲାର ସଂକଳ୍ପ ଅନୁଷ୍ଠାନରୁ ନିୟମିତ ଭବେ ଅଭିନୟ ଜାରି ରଖିବା ସହ ଆକାଶବାଣୀ ସମ୍ବଲପୁର ରେଡ଼ିଓ ନାଟକ ତଥା ଆଲବମ୍ ଜଗତରେ ପାଦ ଥୋଇ ମଧ୍ୟ ସଫଳ ହୋଇଥିଲେ । ସୌଖୀନ ନାଟକରୁ ପୁଣି ଯାତ୍ରା ନାଟକ ପ୍ରତି ଭଲ ପାଇବା ସୃଷ୍ଟି କରି ସେ ଯାତ୍ରାରୁ ଗୋଡ଼ କାଢ଼ି ନେଇଥିଲେ ସିନା ପୁଣି ଫେରି ଆସିଥିଲେ। ତ୍ରିନାଥ, ଇଷ୍ଟର୍ଣ୍ଣ ବ୍ଲୁ, ରେଡ୍, ତୁଳସୀ, କୋଣାର୍କ, ଇନ୍ଦ୍ରଭୁବନ ଆଦି ଅପେରାରେ ନିଜକୁ ଭଲଭାବରେ ପ୍ରମାଣିତ କରିପାରିଥିଲେ। ସିନ୍ଦୁର କହିବ ସ୍ୱାମୀ କାହାର, କଉଡ଼ି ଖେଳ, ମୁଦ୍ରା ରାକ୍ଷସ, ପ୍ରିୟତମା, ଅହଂକାର, ପାକିସ୍ତାନୀ ଝିଅ ଭାରତ ବୋହୂ, ଛୁଇଁଦେଲା ମୋତେ ପୋଲିସ ବାବୁ, ଅଧା ସ୍ତ୍ରୀ ଅଧା ପ୍ରେମିକା, ପାଞ୍ଚ ପଇସାର ସ୍ୱାମୀ, କହିଦେଲେ ତୁ ମରିଯିବି ମୁଁ, ମାୟାଜାଲ, ସୀତାଦେବେ ଆଜି ଅଗ୍ନୀପରିକ୍ଷା ଆଦି ନାଟକ ତାଙ୍କ କରିତ୍‌କର୍ମା ଅଭିନୟର ପ୍ରମାଣ ଦିଏ।









'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com